PSYCHOSOCIAL WELLBEING SERIES

ମନୋସମାଜିକ ସ୍ୱାସ୍ଥ୍ୟ ଅନୁକ୍ରମ

# ଜୀବନର ବୃକ୍ଷ

## ଶିଶୁ, ଯୁବକ ଓ ବୟସ୍କବ୍ୟକ୍ତିମାନଙ୍କ ପାଇଁ ଏକ କର୍ମଶାଳା ପଦ୍ଧତି



ରେପସି ସଂସ୍ଥାର ସମ୍ମତିପୂର୍ବକ କ୍ୟାଥୋଲିକ ରିଲିଫ୍ ସର୍ଭିସେସ୍ ଦ୍ୱାରା ଅନୁକୂଳିତ ହୋଇଛି

Adapted by Catholic Relief Services with permission from REPSSI

Third Edition for a Global Audience

ବିଶ୍ୱ ଶ୍ରୋତାବର୍ଗ ନିମନ୍ତେ ତୃତୀୟ ସଂସ୍କରଣ

CRS CATHOLIC RELIEF SERVICES faith. action. results.

Dulwich Centre Foundation

REPSSI Psychosocial Wellbeing For All Children

REPSSI

**ମନୋସମାଜିକ ସ୍ୱାସ୍ଥ୍ୟ ଅନୁକ୍ରମ**

ରେପସି ହେଉଛି ଏକ ବେସରକାରୀ ସାମାଜିକ ଅନୁଷ୍ଠାନ; ଯାହାକି ଦାରିଦ୍ର୍ୟତା, ଯୁଦ୍ଧ, ଏଚ୍.ଆଇ.ଭି/ଏଡସ ଦ୍ୱାରା ପ୍ରଭାବିତ ଶିଶୁ ଓ ଯୁବକମାନଙ୍କର ସାମାଜିକ ଏବଂ ମାନସିକ (ମନୋସମାଜିକ) ଚାପକୁ ହ୍ରାସ କରିବା ପାଇଁ କାର୍ଯ୍ୟ କରୁଅଛି । ଏହି ସଂସ୍ଥା ନୋରେନ୍ ମସିଓ୍ୱା ହୁନି (ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ)ଙ୍କ ନେତୃତ୍ୱରେ ପରିଚାଳିତ ହେଉଛି । ରେପସିର ଉଦ୍ଦେଶ୍ୟ ହେଉଛି ଯେ ପ୍ରତ୍ୟେକ ଶିଶୁ ଯେପରି ଉଚ୍ଚମାନର ମନୋସାମାଜିକ ସହାୟତା ମାଧ୍ୟମରେ ସଠିକ୍ ଯତ୍ନ ଓ ସୁରକ୍ଷା ପାଇପାରିବେ । ରେପସି ସଂସ୍ଥା ଆନ୍ତର୍ଜାତିକ, ଆଞ୍ଚଳିକ ଏବଂ ପୂର୍ବ ଓ ଦକ୍ଷିଣ ଆଫ୍ରିକାର ଜାତୀୟ ସ୍ତରରେ କାର୍ଯ୍ୟ କରେ ।

ପରିବାର ଓ ଗୋଷ୍ଠୀ ପରିବେଶ ମଧ୍ୟରେ ରଖି ବିପଦସଙ୍କୁଳ ପିଲାମାନଙ୍କୁ ସହାୟତା ପ୍ରଦାନ କରିବା ସବୁଠାରୁ ଉତ୍ତମ ମାର୍ଗ ଅଟେ । ତେଣୁ ଆମେ ସରକାର, ବିକାଶମୂଳକ ସଂସ୍ଥା, ଆନ୍ତର୍ଜାତିକ ସ୍ତରର ଅନୁଷ୍ଠାନ ଏବଂ ସ୍ୱେଚ୍ଛାସେବୀ ସଂସ୍ଥା ସହିତ ଭାଗିଦାରୀତା ମାଧ୍ୟମରେ ପରିବାର ଓ ଗୋଷ୍ଠୀକୁ ସଶକ୍ତ କରିବା ନିମନ୍ତେ କାର୍ଯ୍ୟକ୍ରମ କରିଥାଉ ଏବଂ ଏହାଦ୍ୱାରା ପରିବାର ଓ ଗୋଷ୍ଠୀମାନେ ସେମାନଙ୍କର ଦକ୍ଷତାପୂର୍ବକ ଶିଶୁ ଓ ଯୁବକମାନଙ୍କ ପାଇଁ ଅଧିକ ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସମର୍ଥ ହୋଇପାରିବେ ।

ରେପସି ଦ୍ୱାରା ପ୍ରସ୍ତୁତ ହୋଇଥିବା ମନୋସାମାଜିକ ସ୍ୱାସ୍ଥ୍ୟ ଅନୁକ୍ରମ ବା ପଦ୍ଧତି (ଯାହାର କି ଜୀବନର ବୃକ୍ଷ ଏକ ଅଂଶ ଅଟେ)ର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଶିଶୁମାନଙ୍କର ଆତ୍ମପ୍ରତ୍ୟୟ ଏବଂ ପରିବାର ଓ ଗୋଷ୍ଠୀ ସହିତ ସମ୍ପର୍କକୁ ଅଧିକ ସଶକ୍ତ କରି ଗଢିତୋଳିବା, ତତ୍‌ସହିତ ରୋଗ, ଦାରିଦ୍ର୍ୟ ଏବଂ ଯୁଦ୍ଧର ପ୍ରଭାବରେ ପ୍ରଭାବିତ ଶିଶୁ ପରିବାର ଓ ଗୋଷ୍ଠୀଠାରୁ ଅଲଗା ହେବା ଏବଂ ଏକାକତ୍ୱର ଆହ୍ୱାନକୁ ମୁକାବିଲା କରିବାକୁ ସାମର୍ଥ୍ୟ ପ୍ରଦାନ କରିବା ।

ରେପସି ଆଶା କରୁଛି, ଜୀବନର ବୃକ୍ଷର ଏହି ସଂପ୍ରସାରିତ ସଂସ୍କରଣ ପୃଥିବୀର ଅନେକ ବ୍ୟକ୍ତି ଓ ଅନୁଷ୍ଠାନକୁ ଶିଶୁମାନଙ୍କର ମନୋସାମାଜିକ ସୁସ୍ଥତା ପାଇଁ କାର୍ଯ୍ୟ କରିବା ନିମନ୍ତେ ସାହାଯ୍ୟ କରିବ ।

Email: knowledge@repssi.org Website: www.repssi.org Telephone: +27 11 998 5820 Postal address: PO Box 1669, Randburg, 2125, Johannesburg, South Africa

CRS CATHOLIC RELIEF SERVICES faith. action. results.

**କ୍ୟାଥୋଲିକ୍ ରିଲିଫ୍ ସର୍ଭିସେସ୍ (ସି.ଆର୍.ଏସ୍.)** ଇଉରେପର ଦ୍ୱିତୀୟ ବିଶ୍ୱଯୁଦ୍ଧ ପ୍ରପୀଡିତମାନଙ୍କୁ ସେବା କରିବା ଉଦ୍ଦେଶ୍ୟରେ ୧୯୪୩ ମସିହାରେ ସଂଯୁକ୍ତ ଆମେରିକା କ୍ୟାଥୋଲିକ୍ ବିଶପମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲା । ସେବେଠାରୁ, ସି.ଆର.ଏସ ନିଜର କାର୍ଯ୍ୟକ୍ରମକୁ ୬ଟି ମହାଦେଶର ୧୦୦ରୁ ଅଧିକ ଦେଶକୁ ସଂପ୍ରସାରିତ କରି ବର୍ଷକୁ ପ୍ରାୟ ୧୦୦ ମିଲିୟନ ଲୋକଙ୍କୁ ସେବା ଯୋଗାଉଛି ।

ସି.ଆର.ଏସ୍‌ର ଲକ୍ଷ୍ୟ ହେଉଛି ପୃଥିବୀର ଅସୁବିଧାରେ ଥିବା ଦୁସ୍ଥ ଲୋକମାନଙ୍କୁ ସହଯୋଗ କରିବା ପୂର୍ବକ, ରୋମାନ କ୍ୟାଥୋଲିକ ଧର୍ମର ନୀତି ସମୁହ ଆଧାରରେ ମାନବ ଜୀବନର ପବିତ୍ରତା ଏବଂ ଆତ୍ମ ସମ୍ମାନକୁ ପ୍ରସାର କରିବା । କ୍ୟାଥୋଲିକ ରିଲିଫ୍ ସର୍ଭିସେସ ଆଞ୍ଚଳିକ, ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରର ଅନୁଷ୍ଠାନ ଓ ବ୍ୟବସ୍ଥା ସହିତ ଭାଗିଦାରିତା କରି ବିପର୍ଯ୍ୟୟ ମୁକାବିଲା, କୃଷି ଓ ସ୍ୱାସ୍ଥ୍ୟ, ଅଣୁ-ଅର୍ଥ ପରିଚାଳନା, ଜଳ ଓ ପରିମଳ, ଶାନ୍ତି ଓ ନ୍ୟାୟ, ଦକ୍ଷତା ବୃଦ୍ଧି ଏବଂ ଶିକ୍ଷା ଉପରେ କାର୍ଯ୍ୟ କରୁଅଛି । ଯଦିଓ ସିଆରଏସର ମୂଳ ଲକ୍ଷ୍ୟ କ୍ୟାଥୋଲିକ ବିଶ୍ୱାସ ଉପରେ ଆଧାରିତ ତଥାପି ଏହାର କାର୍ଯ୍ୟକ୍ରମ ଜାତି, ଧର୍ମ ବା କୌଣସି ନିର୍ଦ୍ଦିଷ୍ଟ ଗୋଷ୍ଠୀର ଉର୍ଦ୍ଧ୍ୱରେ ରହି କେବଳ ସହଯୋଗର ଆବଶ୍ୟକତା ଭିତ୍ତିରେ ପର୍ଯ୍ୟବେଶିତ ଅଟେ । ସଂଯୁକ୍ତ ଆମେରିକାରେ ସିଆରଏସ୍ କ୍ୟାଥୋଲିକ ଧର୍ମାବଲମ୍ବୀଙ୍କ ସହିତ ସଂଶ୍ଳିଷ୍ଟ ରହି ସେମାନଙ୍କର ବିଶ୍ୱାସକୁ ପୃଥିବୀର ଗରୀବ ଓ ପୀଡିତ ବ୍ୟକ୍ତିମାନଙ୍କ ସହିତ ସଂହତି ପ୍ରତିଷ୍ଠା କରିବା ଉଦ୍ଦେଶ୍ୟରେ କାର୍ଯ୍ୟ କରୁଅଛି ।

228 West Lexington Street, Baltimore, MD 21201-3443 www.crs.org

SWEDEN

Norad

Schweizerische Eidgenossenschaft
Confédération suisse
Confederazione Svizzera
Confederaziun svizra

Swiss Agency for Development and Cooperation SDC

# ବିଷୟ ସୂଚୀ


ସ୍ୱୀକୃତି ପତ୍ର ---------- ୩

ଉପକ୍ରମ ---------- ୪

**ପ୍ରଥମ ଭାଗ**

**ଆମ ଜୀବନ ବୃକ୍ଷର ପ୍ରସ୍ତୁତିକରଣ ---------- ୧୩**

ପ୍ରଥମ ଭାଗର ପ୍ରସ୍ତୁତି କାର୍ଯ୍ୟ ---------- ୧୪

ଅଂଶଗ୍ରହଣକାରୀଙ୍କ ଦ୍ୱାରା ଜୀବନ ବୃକ୍ଷ ଚିତ୍ରଣ ଓ ଉପସ୍ଥାପନା ---------- ୧୬

ଜୀବନ ବୃକ୍ଷର ଚେର ---------- ୧୮

ଜୀବନ ବୃକ୍ଷର ମୂଳଭୂମି ---------- ୧୯

ଜୀବନ ବୃକ୍ଷର ଗଣ୍ଡି ---------- ୨୦

ଜୀବନ ବୃକ୍ଷର ଡାଳ ସମୂହ ---------- ୨୧

ଜୀବନ ବୃକ୍ଷର ପତ୍ର ସମୂହ ---------- ୨୨

ଜୀବନ ବୃକ୍ଷର ଫଳ ସମୂହ ---------- ୨୩

ଜୀବନ ବୃକ୍ଷର କଥନ ---------- ୨୪

**ଦ୍ୱିତୀୟ ଭାଗ**

**ଜୀବନ ବୃକ୍ଷ ସମାହାରରେ ପ୍ରସ୍ତୁତି ହୋଇଥିବା ଜଙ୍ଗଲ ---------- ୨୫**

ଜଙ୍ଗଲ ପ୍ରସ୍ତୁତିକରଣ ---------- ୨୬

**ତୃତୀୟ ଭାଗ**

**ଜୀବନରେ ଆସୁଥିବା ଝଡ ---------- ୪**

ଜଙ୍ଗଲରେ ଜୀବଜନ୍ତୁ ---------- ୩୧

କର୍ମଶାଳାରୁ ଘରକୁ ନେବା ଶିକ୍ଷା ---------- ୩୩

**ଚତୁର୍ଥ ଭାଗ**

**ଆମରି ବୃକ୍ଷ ଆମରି ଜୀବନ ---------- ୩୪**

ପ୍ରମାଣପତ୍ର ଏବଂ ଜୀବନ ବୃକ୍ଷର ସଂଗୀତ ---------- ୩୫

ଆମ ସୁନ୍ଦର ଜୀବନ ବୃକ୍ଷର ସଂରକ୍ଷଣ ---------- ୩୭

**ପରିଶିଷ୍ଟ-୧ : ଶକ୍ତି ସଂଚାରକ ଖେଳ କାର୍ଯ୍ୟ ---------- ୩୮**

**ପରିଶିଷ୍ଟ-୨ : ଜୀବନ ବୃକ୍ଷ କର୍ମଶାଳା ପାଇଁ ପ୍ରଶ୍ନ ---------- ୩୯**

**ପରିଶିଷ୍ଟ ୩ : ପ୍ରସଙ୍ଗ ବା ବିଚାରାର୍ଥ ପ୍ରେରଣ ---------- ୪୧**

# ସ୍ୱୀକୃତି ପ୍ରାପ୍ତ

**ଏକ ପ୍ରକୃତ ବୃକ୍ଷଭଳି,**

ବର୍ଷାଧିକ ସମୟଭିତରେ ଜୀବନର ବୃକ୍ଷ ଅଧିକ ଆଶ୍ଚର୍ଯ୍ୟଜନକ ଭାବରେ ବୃଦ୍ଧି ଲାଭ କରିଅଛି । ଆନେ ହୋପ୍ ଏବଂ ସାଲି ଟିମେଲ୍ ୧୯୮୪ ମସିହାରେ ଜୀବନର ବୃକ୍ଷର ପାଠାନ୍ତର ସେମାନଙ୍କର ପୁସ୍ତକ ଟ୍ରେନିଂ ଫର ଟ୍ରାନ୍ସଫର୍‌ମେସନ୍ : ଏ ହ୍ୟାଣ୍ଡ ବୁକ ଫର କମ୍ୟୁନିଟି ଓ୍ୱାର୍କସ୍, ବୁକ-୧, ମାମ୍ବୋ ପ୍ରେସ, ସେଙ୍ଗା ପ୍ରେସ, ସେଙ୍ଗାରୋଡ, ଗେୟାରୁରେ ପ୍ରକାଶନ କରିଥିଲେ ।

ସେହି ପାଠାନ୍ତର ପରବର୍ତ୍ତୀ ଅବସ୍ଥାରେ Ncazelo Ncube-Miilo (REPSSSI) ଏବଂ David Denborough (Dulwich Centre Institute of Community practice ଙ୍କ ଦ୍ୱାରା ବିକଶିତ ଓ ସଂପ୍ରସାରିତ ହୋଇଥିଲା Dulwich team ର David Denborough, Michael white, chery white ଏବଂ Shona Russell ଜୀବନର ବୃକ୍ଷ ପ୍ରକଳ୍ପକୁ ଏକ ସ୍ୱରୂପ ଦେବାରେ ସେମାନଙ୍କର ପ୍ରୋତ୍ସାହନ ଓ ତତ୍ତ୍ୱାବଧାନ ନିମନ୍ତେ ଉଚ୍ଚ ପ୍ରଶଂସନୀୟ ଅଟନ୍ତି । ଜୀବନର ବୃକ୍ଷ ପଦ୍ଧତି ଓ ଏହାର ବର୍ଣ୍ଣନାତ୍ମକ ଚିନ୍ତାଧାରା ୨୦୦୬ ମସିହାରେ ଏକ ଆନ୍ତର୍ଜାତୀୟ ପତ୍ରିକା "ନ୍ୟାରେଟିଭ ଥେରାପି ଆଣ୍ଡ କମ୍ୟୁନିଟି ଓ୍ୱାର୍କ" ରେ ପ୍ରକାଶିତ ହୋଇଥିଲା ।

Salvation Army Masiye Camp ର ଦଳକୁ ବହୁତ ଧନ୍ୟବାଦଏଇଥିପାଇଁ ଯେ ସେମାନେ ଦୁରବସ୍ଥାରେ ଥିବା ପିଲାମାନଙ୍କ ସହିତ ବହୁ ବର୍ଷ ଧରି କାମ କରିବାର ଅଭିଜ୍ଞତା, ସଫଳତା ଏବଂ ଆହ୍ୱାନକୁ ଖୋଲାଖୋଲି ଭାବରେ ପ୍ରକାଶ କରିଛନ୍ତି । ସେମାନଙ୍କର ଅଭିଜ୍ଞତା ଏବଂ ତତସହିତ ପିଲାମାନେ କହିଥିବା କାହାଣୀ ଏହି ଜୀବନର ବୃକ୍ଷ ଉପକରଣକୁ ପ୍ରସ୍ତୁତ କରିବାରେ ଯଥେଷ୍ଟ ଓ ମନୋବଳ ପ୍ରଦାନ କରିଥିଲା ।

ଦକ୍ଷିଣ ଆଫ୍ରିକାର ହୋପ୍ ଓ୍ୱାର୍ଲଡ ଓ୍ୱାଇଡ୍ (ଯାହାକି ବର୍ତ୍ତମାନର ଅଲିଭ ଲିଫ୍ ଫାଉଣ୍ଡେସନ୍ ନାମରେ ପରିଚିତ) ସଂସ୍ଥା ଏବଂ ଏହାର କର୍ମଚାରୀ ଓ ପରାମର୍ଶଦାତାମାନେ ଯେଉଁମାନେକି ନୂତନ ଚିନ୍ତା ବା ଧାରଣା ପ୍ରକଟ କରିବା ସହିତ ସେମାନେ କାମ କରୁଥିବା ଶିଶୁ ଓ ଗୋଷ୍ଠୀକୁ କିଭଳି ଉପଯୁକ୍ତ ସହଯୋଗ ପ୍ରଦାନ କରାଯାଇପାରିବ ସେଥିପାଇଁ ଯେଉଁ କାମ କରୁଥିବା ଶିଶୁ ଓ ଗୋଷ୍ଠୀକୁ କିଭଳି ଉପଯୁକ୍ତ ସହଯୋଗ ପ୍ରଦାନ କରାଯାଇପାରିବ ସେଥିପାଇଁ ଯେଉଁ ଉତ୍ସାହ ଓ ଇଚ୍ଛା ପ୍ରଦର୍ଶନ କରିଛନ୍ତି ସେଥିନିମନ୍ତେ ଆନ୍ତରିକ ଧନ୍ୟବାଦପ୍ରଦାନ କରାଯାଉଛି । ଜୀବନର ବୃକ୍ଷ ଅନୁକ୍ରମକୁ ରେପସି ପ୍ରକାଶନ କରିବା ପାଇଁ Ncazelo Ncube-Mlilo, Janothan Morgan, Noreen Kuni ଏବଂ ରେପସିର ଅନ୍ୟ ସହକର୍ମୀ ମାନଙ୍କର ମତାମତ ଓ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

ବର୍ତ୍ତମାନର ଏହି ତୃତୀୟ ସଂସ୍କରଣର ପୁନଃର୍ନିବିନ୍ୟାସ ବିଶ୍ୱ ଶ୍ରୋତାବର୍ଗଙ୍କ ପାଇଁ କ୍ୟାଥୋଲିକ୍ ରିଲିଫ୍ ସର୍ଭିସେସର Lucy Y. Steinitz ଙ୍କ ପରାମର୍ଶକ୍ରମେ ପ୍ରସ୍ତୁତ କରାଯାଇଛି । ଏଥିନିମନ୍ତେ ୨୦୧୬ ମସିହା ଜୁନ ମାସରେ ଭାରତର ଚେନାଇଠାରେ ଜୀବନର ବୃକ୍ଷର ତାଲିମଦାତାଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ଏବଂ ଏହାକୁ ରେପସିର Lynette Mude Kunye ଏବଂ Alex Tiger ସଂଚାଳନ କରିଥିଲେ ଏବଂ ସେହି କର୍ମଶାଳାରୁ ଆସିଥିବା ମତାମତ ଅନୁସାରେ ଏହି ସଂସ୍କରଣତାର ପୁନଃର୍ବିନ୍ୟାସ କରାଯାଇଛି । ସି.ଆର୍.ସି ର ଭାରତରେ ମାନବ ଚାଲାଣ ପ୍ରତିରୋଧ ପ୍ରକଳ୍ପ ଏହି କର୍ମଶାଳାକୁ ପ୍ରାୟୋଜିତ କରିଥିବାରୁ ବହୁତ ଧନ୍ୟବାଦଏବଂ ଏହି କର୍ମଶାଳାରେ ଭାରତରୁ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମୀକ୍ଷକ ଜୋମି ଯୋଶେଫ, ପ୍ରକଳ୍ପ ନେତା ଯେଉଁମାନେ କି ବର୍ତ୍ତମାନ ଏହି ସଂସ୍କରଣର ଉପଯୋଗୀକରଣ ପାଇଁ ତଥ୍ୟ ଏବଂ ସହଯୋଗ ପ୍ରଦାନ କରିଥିବାରୁ ସେମାନଙ୍କୁ ଧନ୍ୟବାଦ ।

ସି.ଆର୍.ଏସ୍ ଓ ରେପ୍‌ସି ମଧରେ ଏହି ସହଯୋଗୀତା ଖୁବ ଏକ ଆନନ୍ଦଦାୟକ ପ୍ରକ୍ରିୟା ଚାଲୁ ରଖିଛି ଏବଂ ଆମେ ବିଶ୍ୱାସ ରଖିଛୁ ଏହା ଆହୁରି ଅନେକ ବୃକ୍ଷକୁ ଅଙ୍କୁରିତ କରିବାରେ ସାହାଯ୍ୟ କରିବ ଏବଂ ଅନେକ ଶୈଶବକୁ ଅଧିକ ଉନ୍ନତମାନର ଜୀବନ ପ୍ରଦାନ କରିବ ।

# ଉପକ୍ରମ

## ଜୀବନର ବୃକ୍ଷ କହିଲେ ଆମେ କ'ଣ ବୁଝୁ ?

"ଜୀବନର ବୃକ୍ଷ" ହେଉଛି ଏକ ଅଭ୍ୟାସ ଆଧାରିତ ବର୍ଣ୍ଣନା କରାଯାଇଥିବା ମନୋସାମାଜିକ ଉପକରଣ । ଏଥିରେ ବୃକ୍ଷର ବିଭିନ୍ନ ଭାଗକୁ ରୂପକ ହିସାବରେ ବ୍ୟବହାର କରାଯାଇଛି, ଯାହାକି ଜୀବନର ବିଭିନ୍ନ ଅବସ୍ଥା ଏବଂ ଦୃଷ୍ଟିକୋଣକୁ ତୁଳନାତ୍ମକ ଭାବରେ ଉପସ୍ଥାପନା କରେ । ଏଥିରେ ଲୋକମାନଙ୍କୁ ସଂପୃକ୍ତ କରି ସେମାନଙ୍କର ନିଜ ଜୀବନର ବୃକ୍ଷକୁ ଆଙ୍କିବାକୁ ସୁଯୋଗ ସୃଷ୍ଟି କରାଯିବ, ଯେଉଁଥିରେ କି ସେମାନେ ତାଙ୍କର ଉତ୍ପତ୍ତି ସ୍ଥଳ (କେଉଁଠାରୁ ଆସିଛନ୍ତି), ସେମାନଙ୍କର ଦକ୍ଷତା ଓ ଜ୍ଞାନ, ଆଶା ଓ ସ୍ୱପ୍ନ ଏବଂ ସର୍ବୋପରି ସେମାନଙ୍କ ଜୀବନରେ ଆସିଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ବିଷୟରେ କହିପାରିବେ । ତତ୍ପରେ ସମସ୍ତ ଅଂଶଗ୍ରହଣକାରୀ ନିଜ ନିଜର ଜୀବନ ବୃକ୍ଷକୁ ଏକତ୍ର କରି ଏକ ଜୀବନ ବୃକ୍ଷର ସମାବେଶ ବା "ଜୀବନର ଜଙ୍ଗଲ" ସୃଷ୍ଟି କରି ଦଳଗତ ଆଲୋଚନା କରିବେ । ଯେଉଁଥିରେ କି ସେମାନଙ୍କ ଜୀବନରେ ଆସିଥିବା ବିଭିନ୍ନ ଝଡ ଏବଂ ତାହା କିପରି ସେମାନଙ୍କ ଜୀବନକୁ ପ୍ରଭାବିତ କରିଥିଲା, କିଭଳି ଭାବରେ ସେମାନେ ତାହାକୁ ସାମ୍ନା କରିଥିଲେ ଏବଂ ନିଜକୁ ଓ ପରସ୍ପରକୁ ରକ୍ଷା କରିଥିଲେ । ଏଥିରେ ରୂପକ ଏବଂ ଦାୟିତ୍ୱ ସଂପୂର୍ଣ୍ଣ ପ୍ରଶ୍ନକୁ ବ୍ୟବହାର କରାଯିବ । ଯଦ୍ୱାରା ଉପସ୍ଥିତ ଶିଶୁ ଓ ଅନ୍ୟ ଅଂଶଗ୍ରହଣକାରୀମାନେ ସହଜଭାବରେ ସେମାନଙ୍କର ଜୀବନ କାହାଣୀକୁ ସମସ୍ତଙ୍କ ସମ୍ମୁଖରେ କହିପାରିବେ, ଯାହାକି ସେମାନଙ୍କୁ ଭବିଷ୍ୟତ ପାଇଁ ଅଧିକ ଶକ୍ତିଶାଳୀ ଆଶାବାଦୀ ଓ ବିଶ୍ୱାସ ସମ୍ପର୍ଣ୍ଣ କରିବ ।

ଏହି ଉପକରଣଟି ଅଭିନୟ ମାଧ୍ୟମରେ ଭାବପ୍ରବଣତାର ମୋଚନ କିମ୍ବା ଆତ୍ମୀୟ ବିୟୋଗକୁ ଅତିକ୍ରମ କରିବା ଉଦ୍ଦେଶ୍ୟରେ ପ୍ରସ୍ତୁତ କରାଯାଇନଥିଲା କିନ୍ତୁ ଜୀବନ ବୃକ୍ଷ ଉପକରଣ ଜୀବନର ଜଟିଳତା, କଷ୍ଟ, ଆତ୍ମୀୟସ୍ୱଜନଙ୍କ ବିୟୋଗ ଓ କ୍ଷତିକୁ ଆଲୋଚନା କରିବା ନିମନ୍ତେ ପଥ ଉନ୍ମୁକ୍ତ କରେ । ଏହିକ୍ରମରେ ଭିନ୍ନ ଭିନ୍ନ ପୃଷ୍ଠଭୂମିର ପିଲାମାନଙ୍କ ସହିତ ଆଲୋଚନା କରିବା ପାଇଁ ଏହି ଉପକରଣକୁ ଯଥେଷ୍ଟ ବ୍ୟବହାର କରାଯାଇଅଛି । ରୋଗ, ଦାରିଦ୍ର୍ୟ, ହିଂସା ଓ ଯୁଦ୍ଧ ଦ୍ୱାରା ସାଂଘାତିକ ଭାବରେ ପ୍ରଭାବିତ ହୋଇଥିବା ଶିଶୁ ଓ ବୟସ୍କ ବ୍ୟକ୍ତିମାନେ ଅଧିକ ନକରାତ୍ମକ ଆବେଗ କିମ୍ବା ଦୁଃଖରେ ଛନ୍ଦି ନ



ହୋଇ, ସେମାନେ ଜୀବନ ବିଷୟରେ କହିବା, ଶୁଣିବା ଏବଂ କ୍ଷତି ଘଟିଥିବା କାହାଣୀ ବା ଘଟଣାବଳୀକୁ ଅନୁସନ୍ଧାନ କରିବାକୁ ଜୀବନର ବୃକ୍ଷ ଅଭିଜ୍ଞତା ଅନୁମତି ଦେଇଥାଏ । ତତ୍‌ସହିତ ସମାନ୍ତରଳ ଭାବରେ ଏହା ଆଶା, ବିଶ୍ୱାସ, ମୂଲ୍ୟବୋଧ ଏବଂ ସେମାନଙ୍କର ଚତୁଃପାର୍ଶ୍ୱରେଥିବା ଓ ମୃତ୍ୟୁବରଣ କରିବା ସମ୍ପର୍କୀୟଙ୍କ ବିଷୟରେ କହିବା, ଶୁଣିବା ଓ ଘଟଣାବଳୀକୁ ଅନୁସନ୍ଧାନ କରିବାକୁ ମଧ୍ୟ ସୁଯୋଗ ପ୍ରଦାନ କରିଥାଏ ।

ଅନେକ ସମୟରେ "ଜୀବନର ବୃକ୍ଷ" କର୍ମଶାଳାର ଅଂଶଗ୍ରହଣକାରୀମାନେ, କର୍ମଶାଳା ସାରିବା ପରେ ଅତି ଗଭୀର ଆତ୍ମ ପ୍ରତ୍ୟୟ ପରିଚୟ ଏକତ୍ୱବୋଧ ଏବଂ ସମତାଭାବକୁ ଉପଲବ୍ଧି କରିଥିବାର ଜଣାଇଛନ୍ତି । ଏହି ସଂସ୍କରଣ ମାଧ୍ୟମରେ ଆମ୍ଭେମାନେ ଅଧିକ ବିସ୍ତୃତ ଅଭିଜ୍ଞତା (ଉଦାହରଣସ୍ୱରୂପ ଯୁଦ୍ଧ ପରବର୍ତ୍ତୀ ଅବସ୍ଥା, ମାନବବାଦୀ ସଙ୍କଟ ଏବଂ ଶୋଷଣ)ର ଫଳାଫଳ ବିନ୍ୟାସ ଦେବାପାଇଁ ଆଶା ରଖିଛୁ ।

## ଜୀବନର ବୃକ୍ଷ ଉପକରଣକୁ କିଏ ଓ କାହିଁକି ପ୍ରସ୍ତୁତ କରିଛନ୍ତି ?

ଜୀବନର ବୃକ୍ଷ କାର୍ଯ୍ୟପ୍ରଣାଳୀ ଦକ୍ଷିଣ ଆଫ୍ରିକାର ଏକ ସଂସ୍ଥା (REPSSI (www.repssi.org) ଏବଂ ଅଷ୍ଟ୍ରେଲିଆର ସଂସ୍ଥା (Dulwich Centre Foundation (www.dulwichcentre.com.all) ମଧ୍ୟରେ ଭାଗିଦାରୀତାରେ ପ୍ରସ୍ତୁତ କରାଯାଇଥିଲା । ପ୍ରାଥମିକଭାବେ Ncazelo (REPSSI) ଏବଂ David Denborough (Dulwich centre Foundation ଦକ୍ଷିଣ ଆଫ୍ରିକାରେ HIV/AIDS ଦ୍ୱାରା ପ୍ରଭାବିତ ଶିଶୁମାନଙ୍କ ପାଇଁ କାମ କରିଆସୁଥିବା ସାଥିମାନଙ୍କ ପାଇଁ 'ଜୀବନର ବୃକ୍ଷ' ପ୍ରଣାଳୀ ପ୍ରସ୍ତୁତ କରିଥିଲେ । ଏହି ପ୍ରଣାଳୀ ଏତେ ସଫଳ ଓ ଲୋକପ୍ରିୟ ପ୍ରମାଣିତ ହୋଇଥିଲା ଯେ, ବର୍ତ୍ତମାନ ଏହା ଦକ୍ଷିଣ ଆଫ୍ରିକା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡା, ରୁଷିଆ, ଭାରତ, ନେପାଳ, ଆମେରିକା ଏବଂ ଅନ୍ୟାନ୍ୟ ଦେଶମାନଙ୍କରେ ଶିଶୁ, ଯୁବକ ଓ ବୟସ୍କ ବ୍ୟକ୍ତିମାନଙ୍କ ସହିତ ବ୍ୟବହାର କରାଯାଉଛି । ବର୍ତ୍ତମାନର ଏହି ସଂସ୍କରଣ ପୁନଶ୍ଚ ପୃଥିବୀର ଅନ୍ୟାନ୍ୟ ପ୍ରାନ୍ତରେ ପହଞ୍ଚାଇବାର ଆଶା ରଖାଯାଇଛି । ଏହାକୁ Catholic Relief Services ରେ କାର୍ଯ୍ୟରତ Lucy Steinitz ଏବଂ ତାଙ୍କର ସହକର୍ମୀମାନେ REPSSI ସଂସ୍ଥା ମାଧ୍ୟମରେ ଏକ ତାଲିମ କର୍ମଶାଳା ଜୁନ ୨୦୧୬ରେ ଭାରତର ଚେନ୍ନାଇଠାରେ ଅନୁଷ୍ଠିତ କରିବା ପୂର୍ବକ ଉପଯୋଗୀ/ ଅନୁକୂଳିତ କରିଛନ୍ତି ।

ଜଣେ ନିଜ ଜୀବନରେ ଘଟିଥିବା ମାନସିକ ଆଘାତକୁ କହିବା ଦ୍ୱାରା ଯେପରି ପୁନର୍ବାର ମାନସିକ ସଂଘାତର ଶୀକାର ନ ହେବ ସେଥିଲାଗି ଜୀବନର ବୃକ୍ଷ ପ୍ରଣାଳୀ ଏପରି ପରିସ୍ଥିତିକୁ ନଆଣିବା ନିମନ୍ତେ ଅଂଶଗ୍ରହଣକାରୀଙ୍କୁ ସହାୟକ ହୋଇଥାଏ । ଅନ୍ୟ ପକ୍ଷରେ ଜୀବନର ବୃକ୍ଷ ପଦ୍ଧତି, ଅଂଶ ଗ୍ରହଣକାରୀମାନଙ୍କୁ କିଭଳି ମାନସିକ ଆଘାତର ଶୀକାର ନ ହୋଇ ନିଜ ଜୀବନର ଘଟଣାବଳୀକୁ ଅନ୍ୟମାନଙ୍କ ପାଖରେ ରଖିପାରିବେ ସେଥିଲାଗି ପଥ ପ୍ରଦର୍ଶନ କରିଥାଏ । ପ୍ରକୃତ ପକ୍ଷେ ଜୀବନର ବୃକ୍ଷ କର୍ମଶାଳା ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଇତିହାସ, ସଂସ୍କୃତି ଏବଂ ସେମାନଙ୍କ ଜୀବନରେ ସହାୟକ ହୋଇଥିବା ବ୍ୟକ୍ତିବିଶେଷ ସହିତ ଦୃଢ ସମ୍ପର୍କ ସ୍ଥାପନା କରିବା ନିମନ୍ତେ ଏକ ସକରାତ୍ମକ ଭାବ ପ୍ରଦାନ କରିଥାଏ ।

ଜୀବନ ବୃକ୍ଷରେ ବ୍ୟବହାର କରାଯାଉଥିବା ରୂପକ, ଅନେକ ସଂସ୍କୃତି ଓ ଗୋଷ୍ଠୀରେ ଶକ୍ତିଶାଳୀ ଭାବନା ଓ ସହଭାଗିତାକୁ ଉଜ୍ଜୀବିତ କରିଥାଏ । ଏହି ଭାବନା ଓ ସହଭାଗୀତା ଉକ୍ତ ଗୋଷ୍ଠୀର ଗୁରୁତ୍ୱପୂର୍ଣ୍ଣ ମୂଲ୍ୟବୋଧ, ଦକ୍ଷତା ଏବଂ ଜୀବନ ସମ୍ପର୍କରେ ଜ୍ଞାନକୁ ଆଲିଙ୍ଗନ / ଆକର୍ଷିତ କରିଥାଏ । ଏହି ମୂଲ୍ୟବୋଧ, ଦକ୍ଷତା ଏବଂ ଜ୍ଞାନ ଲୋକମାନଙ୍କୁ ସେମାନଙ୍କର ଅସୁବିଧା ଓ ଆହ୍ୱାନକୁ ମୁକାବିଲା କରିବା ପାଇଁ ଉତ୍ତର ପ୍ରଦାନ କରିଥାଏ, ଜୀବନର ବୃକ୍ଷର ବ୍ୟବହୃତ ହୋଇଥିବା ରୂପକର ଆକର୍ଷଣୀୟ ଭାବ ଓ ଅର୍ଥ ଯୋଗୁ, ବିଭିନ୍ନ ପୃଷ୍ଠଭୂମିରେ ଏହି ଉପକରଣକୁ ବ୍ୟବହାର କରିବା ସମୟରେ ଅଂଶଗ୍ରହଣକାରୀମାନେ ଅତି ସହଜରେ ଏହାକୁ ଗ୍ରହଣ କରିଅଛନ୍ତି ।

## କେଉଁମାନେ ଏହି ଜୀବନର ବୃକ୍ଷ ଉପକରଣରୁ ଲାଭବାନ ହୋଇପାରିବେ ?

ଜୀବନର ବୃକ୍ଷ ନିମ୍ନରେ ପ୍ରଦତ୍ତ ବ୍ୟକ୍ତିମାନଙ୍କୁ ସହାୟତା ପ୍ରଦାନ କରିବା ଉଦ୍ଦେଶ୍ୟରେ ବ୍ୟବହାର କରାଯାଇଅଛି ।

- HIV/AIDS ଏବଂ ଅତ୍ୟଧିକ ଦାରିଦ୍ର୍ୟତାର ପ୍ରଭାବିତ ହୋଇଥିବା ଯୁବଗୋଷ୍ଠୀ ।
- ସ୍କୁଲ ଯାଉଥିବା ଏବଂ ଅନ୍ୟାନ୍ୟ ସାମାଜିକ ଅନୁଷ୍ଠାନରେ ସମୟ ଅତିବାହିତ କରୁଥିବା ଶିଶୁ, ଉଦାହରଣ ସ୍ୱରୂପ ଗୋଷ୍ଠୀ-ନିରାପଦସ୍ଥାନ କିମ୍ବା ଶିଶୁସଂଘ ।
- ସଂଘର୍ଷ ଓ ଯୁଦ୍ଧ ପ୍ରପୀଡିତ ଶିଶୁମାନଙ୍କ ପାଇଁ କାର୍ଯ୍ୟକରୁଥିବା ଉପ ପେଷାଦାର ବ୍ୟକ୍ତି
- ସଶସ୍ତ୍ର ଯୁଦ୍ଧରେ ନିଜର ମାତାପିତା କିମ୍ବା ପ୍ରିୟ ପରିଜନଙ୍କୁ ହରାଇଥିବା ଶିଶୁମାନେ
- ଶରଣାର୍ଥୀ ଓ ଅପ୍ରବାସୀ
- ପ୍ରାକୃତିକ ବିପର୍ଯ୍ୟୟରେ କ୍ଷତିଗ୍ରସ୍ତ ହୋଇଥିବା ଗୋଷ୍ଠୀର ଲୋକମାନେ
- ଘରୋଇ ହିଂସା, ଅପବ୍ୟବହାର, ଋଲାଣ କିମ୍ବା ଅନ୍ୟ ପ୍ରକାରରେ ଶୋଷଣ ଶୀକାର ହୋଇଥିବା ଯୁବବର୍ଗ, ବୟସ୍କବ୍ୟକ୍ତି ଏବଂ ବିଶେଷତଃ ମହିଳା ।
- ମାନସିକ, ଅବସାଦର ଶୀକାର ହେଉଥିବା ବୟସ୍କ ବ୍ୟକ୍ତିମାନଙ୍କ ପାଇଁ କାର୍ଯ୍ୟରତ ମାନସିକ ସ୍ୱାସ୍ଥ୍ୟ ପେଶାଜୀବୀ

ଜୀବନର ବୃକ୍ଷକୁ ଏକ ପରାମର୍ଶ ଉପକରଣ ହିସାବରେ ଆଶ୍ରୟ ଗୃହରେ କିମ୍ବା ପେଶାଦାର ପରାମର୍ଶଦାତାମାନଙ୍କ ଦ୍ୱାରା ଦିଆଯାଉଥିବା ପ୍ରତ୍ୟେକ ଏକକ ପରାମର୍ଶ ସହିତ ସଂଯୋଜନା କରି ବ୍ୟବହାର କରାଯାଇପାରେ । ଜୀବନର ବୃକ୍ଷ କର୍ମଶାଳାରେ ଅଂଶଗ୍ରହଣ କରିଥିବା ବୟସ୍କ ବ୍ୟକ୍ତିମାନେ ମଧ୍ୟ ସେମାନଙ୍କର ନିଜ ଜୀବନ ପାଇଁ ଏବଂ ଶିଶୁମାନଙ୍କର ମାତାପିତା କିମ୍ବା ଯତ୍ନ ପ୍ରଦାନକାରୀ ହିସାବରେ ଦାୟୀତ୍ୱ ବହନ କରିବା ନିମନ୍ତେ ଏହାକୁ ଉପଯୋଗୀଭାବେ ଗ୍ରହଣ କରିଛନ୍ତି ।

ପ୍ରକୃତପକ୍ଷେ ଜୀବନର ବୃକ୍ଷ ୫ ବର୍ଷରୁ ୨୦ ବର୍ଷ ମଧ୍ୟରେ ଥିବା ଶିଶୁ ଓ ଯୁବକମାନଙ୍କ ପାଇଁ ପ୍ରସ୍ତୁତ କରାଯାଇଥିଲା । ତଥାପି ଏହା ନୁହେଁ ଯେ ଏହି ପ୍ରଣାଳୀ ବୟସ୍କ ଅଂଶଗ୍ରହଣକାରୀଙ୍କ ପାଇଁ ଅନୁକୂଳିତ ହୋଇପାରିବନି । ଅନେକ ବୟସ୍କ ବ୍ୟକ୍ତି ମୁଖ୍ୟତଃ ଶିଶୁମାନଙ୍କ ସହିତ କାର୍ଯ୍ୟ କରୁଥିବା ମଧ୍ୟମ ବର୍ଗର ଯତ୍ନ ପ୍ରଦାନକାରୀ ଏହାକୁ ସେମାନଙ୍କ ଜୀବନର ବୃକ୍ଷ ପ୍ରସ୍ତୁତ କରିବାରେ ଅତ୍ୟନ୍ତ ସ୍ଫୁର୍ତ୍ତିଦାୟକ ଏବଂ ସମୃଦ୍ଧି ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିଛନ୍ତି, ଯଦ୍ୱାରା ସେମାନଙ୍କ ଜୀବନରେ ଥିବା ଅନ୍ୟ ବ୍ୟକ୍ତି ବିଶେଷଙ୍କ ସହିତ ଅତି ନିଗୁଢ ଭାବରେ

ଯୋଡି ହେବା ଅନୁଭବ କରିଛନ୍ତି । ବୟସ୍କ ବ୍ୟକ୍ତିମାନେ ସେମାନଙ୍କର ନିଜ ଜୀବନର ବୃକ୍ଷ ଚିତ୍ରଣ କରିବାପରେ ମତ ରଖିଛନ୍ତି ଯେ, ଏହା ସେମାନଙ୍କୁ ସଂକଟରେ ଥିବା ଶିଶୁ ଓ ଗୋଷ୍ଠୀମାନଙ୍କ ପାଇଁ କରୁଥିବା କାର୍ଯ୍ୟରେ ସହାୟକ ଏବଂ ସ୍ଥାୟୀତ୍ୱ ଆଣିପାରିଛି । ପରାମର୍ଶଦାତା, ଏକ ଶିଶୁ ଦଳକୁ ଜୀବନର ବୃକ୍ଷ ପ୍ରଣାଳୀକୁ ନେବା ପୂର୍ବରୁ ସେମାନେ ନିଜେ ନିଜ ଜୀବନର ବୃକ୍ଷ ଚିତ୍ରଣ କରିବା ପୂର୍ବକ ଏହି ପ୍ରକ୍ରିୟା ସହିତ ପରିଚିତ ହେବା ଆବଶ୍ୟକ ।

## ଜୀବନର ବୃକ୍ଷ କପରି ଭାବରେ ଶିଶୁ ଓ ବୟସ୍କ ବ୍ୟକ୍ତିଙ୍କୁ ସହାୟତା ପ୍ରଦାନ କରିଥାଏ

ଜୀବନର ବୃକ୍ଷ ବିଭିନ୍ନ ପ୍ରକାର ମନୋସାମାଜିକ ସହାୟତା ଯଥା- ଆବେଗ ପ୍ରବଣତାର ନିୟନ୍ତ୍ରଣ, ଆଧ୍ୟାତ୍ମିକ ଶକ୍ତି ଏବଂ ଜୀବନରେ ଘଟିଥିବା କ୍ଷତି, ପ୍ରଗାଢ ମାନସିକ ଧକ୍କା ଏବଂ ଅନ୍ୟାନ୍ୟ ଦୂରାବସ୍ଥାରୁ ପୁନର୍ବାର ଉଧୁରିବା ଲାଗି ଯଥାର୍ଥ ଅଭିବ୍ୟକ୍ତି ପ୍ରଦାନ କରିଥାଏ । ଭଲ ପାଇବା, ଯତ୍ନ, ସୁରକ୍ଷା ଏବଂ ଜୀବନ-କୌଶଳ ଆଦି ମନୋସାମାଜିକ ସହାୟତାର ଅନ୍ତର୍ଭୁକ୍ତ ଅଟେ । ସାଧାରଣତଃ ପରିବାର ଓ ଗୋଷ୍ଠୀ ମାଧ୍ୟମରେ ମନୋସାମାଜିକ ସହାୟତାକୁ ଉତ୍କୃଷ୍ଟ ଭାବରେ ପ୍ରଦାନ କରାଯାଇଥାଏ, ଯଦିଓ ଅନ୍ୟମାନେ ମଧ୍ୟ ଏଥିରେ ସାହାଯ୍ୟ କରିଥାନ୍ତି- ଉଦାହରଣ ସ୍ୱରୂପ ଜୀବନର ବୃକ୍ଷ କର୍ମଶାଳା ଉପକରଣ

ନିମ୍ନରେ ପ୍ରଦତ୍ତ ଦୃଷ୍ଟାନ୍ତମୂଳକ ରେଖାଚିତ୍ର ଅନୁଯାୟୀ ମନୋସାମାଜିକ ସହାୟତା ବିଭିନ୍ନ ସ୍ତରରେ ଦିଆଯାଇଥାଏ । ଜୀବନର ବୃକ୍ଷ ଅନେକ ସମୟରେ ତଥ୍ୟ ସମ୍ବଳିତ ପକ୍ଷ ପୋଷକୁ ଲକ୍ଷ୍ୟ କରିଥାଏ; ଯାହାକି ମୌଳିକ ସେବାର ବ୍ୟବସ୍ଥା ଓ ପରିବାର ଏବଂ ଗୋଷ୍ଠୀ ସ୍ତରରେ ସହାୟତା (ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ତର ପର୍ଯ୍ୟନ୍ତ) । ଅପର ପକ୍ଷରେ, ଲକ୍ଷ କେନ୍ଦ୍ରିତ ଓ ବିଶେଷିତ ସହାୟତା (ଚତୁର୍ଥ ଓ ପଞ୍ଚମ ପର୍ଯ୍ୟନ୍ତ, କିମ୍ବା ଅଧିକ ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତା ଥିବା ସ୍ଥଳେ) ସାଧାରଣତ ଗୋଷ୍ଠୀ ମଧ୍ୟରେ କିମ୍ବା ଅନ୍ୟତ୍ର ଚିହ୍ନଟକରଣ କରାଯାଏ । ଯାହାକି ଆବଶ୍ୟକତା ଅନୁଯାୟୀ ବ୍ୟବହାର କରାଯାଇପାରିବ ।

# ବହୁସ୍ତରୀୟ, ସମନ୍ୱିତ ମନୋସାମାଜିକ ସହାୟତା




## ମନୋସାମାଜିକ ସହାୟତାର ବିଭିନ୍ନ ସ୍ତର

### ୫- ବିଶେଷ ପ୍ରକାରର ମାନସିକ ସ୍ୱାସ୍ଥ୍ୟସେବା

ମାନସିକ ରୋଗର ଚିକିତ୍ସା ସମ୍ବନ୍ଧୀୟ, ମନୋବୈଜ୍ଞାନିକ ନିଦାନ, ବିଶେଷ ଜ୍ଞାନ ପ୍ରାପ୍ତ ପାରମ୍ପରିକ ଚିକିତ୍ସକ ଦ୍ୱାରା, ଅତ୍ୟଧିକ ମାନସିକ ଋପଗ୍ରସ୍ତ ହେଉଥିବା ଅଳ୍ପସଂଖ୍ୟକ ଶିଶୁମାନଙ୍କ ପାଇଁ ଦିଆଯାଉଥିବା ମାନସିକ ସ୍ୱାସ୍ଥ୍ୟ ସେବା

### ୪. ଲକ୍ଷ୍ୟକେନ୍ଦ୍ରିତ ସହାୟତା

ଯେଉଁ ଶିଶୁମାନେ ପରିସ୍ଥିତି ସହିତ ଖାପ ଖୁଆଇ ପାରୁନାହାନ୍ତି ଏବଂ ଯେଉଁମାନଙ୍କଠାରେ ମାନସିକ ଦୁରାବସ୍ଥାର ଲକ୍ଷଣ ଜଣାପଡୁଛି, ସେମାନଙ୍କ ନିମନ୍ତେ ଅତିରିକ୍ତ ଅଣ-ବିଶେଷିତ ସହାୟତା

### ୩. ପରିବାର ଓ ଗୋଷ୍ଠୀ ସହାୟତା

ଯତ୍ନ ପ୍ରଦାନକାରୀ, ବନ୍ଧୁ ଓ ଗୋଷ୍ଠୀ ସଦସ୍ୟମାନଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଦୈନନ୍ଦିନ ଯତ୍ନ ଏବଂ ସହାୟତା

### ୨. ମୌଳିକ ସେବାର ବ୍ୟବସ୍ଥା

ଗୃହ, ଖାଦ୍ୟ, ସ୍ୱାସ୍ଥ୍ୟ ଓ ଶିକ୍ଷା ବ୍ୟବସ୍ଥା ଯେଉଁଥିରେ କି ମନୋସାମାଜିକ ସହାୟତାକୁ ସମନ୍ୱିତ କରି ବହୁସଂଖ୍ୟକ ପିଲାମାନଙ୍କୁ ସେମାନଙ୍କର ପରିସ୍ଥିତି ସହିତ ଖାପ ଖୁଆଇବା ନିମନ୍ତେ ସହାୟତା

### ୧. ତଥ୍ୟ ସମ୍ୱଳିତ ପକ୍ଷପୋଷଣ

ଲକ୍ଷାଧିକ ଶିଶୁମାନଙ୍କର ହିତକୁ ବାଧା ସୃଷ୍ଟି କରୁଥିବା ସାମାଜିକ ବ୍ୟବସ୍ଥା ଓ ନୀତିର ପରିବର୍ତ୍ତନ ପ୍ରକ୍ରିୟାକୁ ପ୍ରଭାବିତ କରିବା ।

ଜୀବନର ବୃକ୍ଷକୁ କେବଳ ଏକକ କାର୍ଯ୍ୟକ୍ରମ ହିସାବରେ କଦାଚିତ ବ୍ୟବହାର କରାଯାଇଥାଏ । ଏହାକୁ ବ୍ୟକ୍ତିବିଶେଷ ତଥା ପରିବାର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ଅନ୍ୟାନ୍ୟ କାର୍ଯ୍ୟକ୍ରମ ସହିତ ସମନ୍ୱିତଭାବେ କାର୍ଯ୍ୟକାରୀ କରାଯାଇପାରିବ ଏବଂ କରାଯିବା ଉଚିତ୍ ମଧ୍ୟ । ଜୀବନର ବୃକ୍ଷକୁ ପରିଚାଳନା କରୁଥିବା ସଂସ୍ଥା, କିମ୍ବା ଅନ୍ୟ ସାହାଯ୍ୟ ଓ ସହାୟତା ଯୋଗାଉଥିବା ଅନୁଷ୍ଠାନ ଉଦାହରଣସ୍ୱରୂପ ବିଦ୍ୟାଳୟ, ସ୍ୱାସ୍ଥ୍ୟକେନ୍ଦ୍ର କିମ୍ବା ସରକାରୀ ସାମାଜିକ ସେବା ଯୋଗାଣକାରୀ ବିଭାଗମାନେ ଏହି ଅତିରିକ୍ତ କାର୍ଯ୍ୟକ୍ରମକୁ ପ୍ରସ୍ତୁତ କରିପାରିବେ ।

## ଜୀବନର ବୃକ୍ଷ କାର୍ଯ୍ୟକ୍ରମ କିଭଳି ଭାବରେ ସକରାତ୍ମକ ଭାବନାକୁ ଉଦ୍ରେକ କରିଥାଏ ।

ଏହି ଅଭ୍ୟାସ ଆଧାରିତ ବର୍ଣ୍ଣନା କରାଯାଇଥିବା କାର୍ଯ୍ୟଶୈଳୀ, ଶିଶୁ, ବ୍ୟକ୍ତିବିଶେଷ ଏବଂ ଗୋଷ୍ଠୀ ସହିତ କାମ କରିବା ସମୟରେ ସେମାନଙ୍କର ସୁରକ୍ଷାକୁ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ସୁରକ୍ଷା କହିଲେ ଏଠାରେ ଉଭୟ ଭାବନାତ୍ମକ ଓ ଶାରୀରିକ ସୁରକ୍ଷାକୁ ବୁଝାଏ । ପରାମର୍ଶ ଦେବା ସମୟରେ, ନିଜ ଜୀବନରେ ଘଟିଥିବା ସମସ୍ୟାବହୁଳ କାହାଣୀକୁ ବାରମ୍ବାର କହିବା ପାଇଁ ପ୍ରଶ୍ନ ପଚାରିବା ଯୋଗୁ ସେହି ବ୍ୟକ୍ତିଙ୍କର ଭାବନାତ୍ମକ ସୁରକ୍ଷା ସହିତ ସାଲିସ କରିବାକୁ ପଡିଥାଏ । ଜୀବନର ବୃକ୍ଷ କର୍ମଶାଳାରେ ଅଂଶ ଗ୍ରହଣ କରୁଥିବା ଅନେକ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଜୀବନରେ ଅନୁଭବ କରିଥିବା ମାନସିକ ଆଘାତ ଓ ପୀଡା ବିଷୟରେ ବାରମ୍ବାର କହିବାପାଇଁ ପଚରା ଯାଇଥାଏ । ଯାହାକି ଅଂଶଗ୍ରହଣକାରୀଙ୍କ ପାଇଁ କ୍ଷତିକାରକ ଅଟେ ଓ ପୁନଃ ମାନସିକ ସଂଘାତ ପହଞ୍ଚାଇଥାଏ । ଏହି କଷ୍ଟମୟ କାହାଣୀଗୁଡିକ ଆଶା ରହିତ ହୋଇଥାଏ ଏବଂ ଏଗୁଡିକୁ ଜୀବନର ପ୍ରଥମ କାହାଣୀ ବା ପ୍ରଥମ ଭାଗ ନିଆଯାଇପାରେ ।

ଜୀବନର ବୃକ୍ଷ କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ ଜୀବନର ଦ୍ୱିତୀୟ କାହାଣୀ ବା ଅନ୍ୟ ଏକ ପାର୍ଶ୍ୱକୁ ଖୋଜି ବାହାର କରିବା ଲାଗି ସହାୟତା କରିଥାଏ । ଏହି ଦ୍ୱିତୀୟ କାହାଣୀ ହେଉଛି ସେମାନଙ୍କର ଦକ୍ଷତା । ଆଶା ଏବଂ ସ୍ୱପ୍ନ, ଯାହାକୁ ଜଣେ ବ୍ୟକ୍ତି ତା ଜୀବନର ପୋଷଣ କରିଥାନ୍ତି । ଏହି କାହାଣୀ ପ୍ରତ୍ୟେକ ବ୍ୟକ୍ତିଙ୍କ ମଧ୍ୟରେ ନୂତନ ଆଲୋକ ଓ ବିଶ୍ୱାସ ସୃଷ୍ଟି କରିଥାଏ । ଯାହା କି ଜୀବନର ଆସିଥିବା ସମସ୍ତ ବାଧାବିଘ୍ନ ସତ୍ତ୍ୱେ ସମସ୍ୟାକୁ ଦୃଢତାର ସହିତ ମୁକାବିଲା କରିବା ଏବଂ ସଫଳତାର ସହିତ ସମସ୍ୟାକୁ ଅତିକ୍ରମ କରିବା ସମ୍ବନ୍ଧରେ ବାରମ୍ବାର କହିବା ଫଳରେ ଏହା ଅନ୍ୟମାନଙ୍କୁ ପ୍ରେରଣାଦାୟୀ ହୋଇଥାଏ । ଜୀବନର ବୃକ୍ଷ କାର୍ଯ୍ୟକ୍ରମ ବ୍ୟତୀତ, ଏହି କାହାଣୀଗୁଡିକ ଅନ୍ୟମାନଙ୍କୁ କହିବାର ସୁଯୋଗ ଏବଂ ଗୋଷ୍ଠୀ ସ୍ତରରେ ଆନୁଷ୍ଠାନିକଭାବେ ଗ୍ରହଣ କରିବାର ଅବକାଶ ନଥାଏ କିମ୍ବା ପରାମର୍ଶ ସେବା ପ୍ରଦାନ ସମୟରେ ଏହାକୁ ମଧ୍ୟ ଖୋଜିବା ସମ୍ଭବ ହୋଇନଥାଏ କାରଣ ସେହି ସମୟରେ ମୁଖ୍ୟତଃ ନକରାତ୍ମକ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥାଏ ।

ଜୀବନର ବୃକ୍ଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀମାନେ ସେମାନଙ୍କ ଜୀବନର ଅତି ମୂଲ୍ୟବାନ ଜିନିଷକୁ ଖୋଜି ବାହାର କରିବା ବା ମନେ ପକାଇବା ଦ୍ୱାରା ଧିରେ ଧିରେ ଏକ ନିଦାନ ପ୍ରକ୍ରିୟା ଭିତରେ ପ୍ରବେଶ କରନ୍ତି । ଏହି ମୂଲ୍ୟବାନ ଜିନିଷଗୁଡିକ ହେଉଛି ସେମାନଙ୍କ ପରିବାରର ଇତିହାସ, ଗୁରୁତ୍ୱପୂର୍ଣ୍ଣ ସମ୍ପର୍କ, ଦକ୍ଷତା ଓ ସମୟ ସହିତ ତାଳଦେଇ ଚାଲିବାର ସାମର୍ଥ୍ୟ ଏବଂ ଅନ୍ୟ ସମସ୍ତ ବିଷୟର ଯେଉଁଥି ପାଇଁ ସେମାନେ ଗର୍ବ ଅନୁଭବ କରନ୍ତି । ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପୂର୍ବରୁ ଏହି ସକରାତ୍ମକ ଆଲୋଚନା କରାଯାଇଥାଏ । ଅଂଶଗ୍ରହଣକାରୀମାନଙ୍କ ଜୀବନରେ ଥିବା ଭଲ ଓ ସକରାତ୍ମକ ଦିଗକୁ ଆଲୋଚନା କରିବା ଦ୍ୱାରା ଜୀବନରେ ଆସିଥିବା ବାଧା ବିଘ୍ନ, ହତାସା, ବିଷାଦ, ମାନସିକ ଅବସାଦ ଏବଂ ପରାଜୟକୁ ନମିତ କରାଯାଇଥାଏ ।

ଯଦିଓ ଏକଥା ସତ ଯେ, କୌଣସି ଅଂଶଗ୍ରହଣକାରୀ ନିଜ ଜୀବନର ବାଧାବିଘ୍ନକୁ ଅସ୍ୱୀକାର କରିବେ ନାହିଁ ତେବେ ତାଙ୍କ ଜୀବନରେ ଥିବା ସକରାତ୍ମକ ଶକ୍ତି ଉପରେ ଗୁରୁତ୍ୱାରୋପ କରିବା ଦ୍ୱାରା ଭବିଷ୍ୟତ ପାଇଁ ଦୃଢତା ଓ ଆତ୍ମବିଶ୍ୱାସ ବୃଦ୍ଧି ପାଇବ । କର୍ମଶାଳା ଶେଷରେ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଯେପରି ମାନସିକ ଦୃଢତା, ସକରାତ୍ମକ ଭାବନା ଓ ଆଶାର ସଞ୍ଚାର ହେବ, ତାହା ହେଉଛି ଏହି କର୍ମଶାଳାର ମୂଳ ଉଦ୍ଦେଶ୍ୟ ।

### ଟିପ୍ / ସୂଚନା : ଅନ୍ୟକୁ ବିଚଳିତ କରବା ଭଳି ପ୍ରଶ୍ନଗୁଡିକୁ ଏଡାନ୍ତୁ

ମାନସିକ ସମସ୍ୟା ଘେରରେ ଥିବା ପିଲା ବା ବ୍ୟକ୍ତିମାନଙ୍କୁ ପରାମର୍ଶଦାତା ଅଧିକାଂଶ ସମୟରେ ସମସ୍ୟାଗୁଡିକ ଖୋଜି ବାହାର କରିବା ଓ ତାହା ସମାଧାନ କରିବା ଲାଗି ଏଭଳି କେତେକ ପାରମ୍ପରିକ ପ୍ରଶ୍ନ ପଚାରିଥାନ୍ତି । ଯାହାକି ସମସ୍ୟାର ସମାଧାନ କରିବା ପରିବର୍ତ୍ତେ ପରିସ୍ଥିତିକୁ ଅଧିକ ଜଟିଳ କରିଥାଏ । ଅନେକ ସମୟରେ ପରାମର୍ଶଦାତା ଅନୁଭବ କରନ୍ତି ଯେ, ସେ ତାଙ୍କ ପାଖକୁ ଆସିଥିବା ପିଲା ବା ବ୍ୟକ୍ତିକୁ ଅତି ସରଳ ଓ ସିଧା ସଳଖ ପ୍ରଶ୍ନ ପଚାରିଛନ୍ତି କିନ୍ତୁ ଏହି ପ୍ରଶ୍ନର ଉତ୍ତର ଦେବାପାଇଁ ସମସ୍ୟାଗ୍ରସ୍ତ ବ୍ୟକ୍ତି ବା ପିଲାଙ୍କୁ ଭାବନାତ୍ମକ ସ୍ତରରେ ଅଧିକ ଯନ୍ତ୍ରଣାଦାୟକ ହୋଇଥାଏ । ଅନେକ ସମୟରେ ସମସ୍ୟାବାଧିତ ଶିଶୁ ବା ବ୍ୟକ୍ତିମାନେ ଏଭଳି ପ୍ରତିକ୍ରିୟା ପ୍ରକାଶ କରନ୍ତି ବା ଏତେ ମାତ୍ରାରେ ଭାଙ୍ଗି ପଡନ୍ତି ଯେ, ପରାମର୍ଶଦାତା ସେହି ପରିସ୍ଥିତିକୁ ସମ୍ଭାଳିବା ପାଇଁ ପ୍ରସ୍ତୁତ ନଥାନ୍ତି, ଏଭଳି ସମୟରେ ଦଳର ଅନ୍ୟ ସଦସ୍ୟମାନେ ମଧ୍ୟ ନିଜର କଷ୍ଟମୟ ସମୟକୁ ମନେପକାଇ ଯନ୍ତ୍ରଣା ଓ ଦୁଃଖ ବିଷୟରେ ଚିନ୍ତା କରି କାନ୍ଦି ଉଠନ୍ତି ବା ଅବସାଦଗ୍ରସ୍ତ ହୋଇଯାନ୍ତି । ଏଭଳି କ୍ଷେତ୍ରରେ ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପରାମର୍ଶଦାତାଙ୍କ ପାଇଁ କଷ୍ଟକର ହୋଇପଡେ । ତେଣୁ କର୍ମଶାଳା ସମୟରେ ଏଭଳି ସମସ୍ୟାଜଡିତ ପରିସ୍ଥିତିକୁ ଏଡାଇବା ପାଇଁ ପ୍ରଶ୍ନ ପଚାରିବା ସମୟରେ ଅତି ସାବଧାନ ରହିବାକୁ ହେବ, ଯେପରି ପଚରା ଯାଉଥିବା ପ୍ରଶ୍ନ କୌଣସି ଶିଶୁ ବା ବ୍ୟକ୍ତି ବିଶେଷଙ୍କର ସମ୍ବେଦନଶୀଳତାକୁ ପ୍ରଭାବିତ ନକରେ, ସେଥିପ୍ରତି ଅତ୍ୟନ୍ତ ଯତ୍ନବାନ ହେବାକୁ ପଡିବ ।

ଜୀବନର ବୃକ୍ଷ କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ସେମାନଙ୍କ ଜୀବନର ଯନ୍ତ୍ରଣାମୟ ଦିନଗୁଡିକୁ ମନେପକାଇବା ସତ୍ତ୍ୱେ ମଧ୍ୟ ଯେମିତ ପୁନଃ ଏହାର ଶୀକାର ନ ହୁଅନ୍ତି ସେଥିପ୍ରତି ବିଶେଷ ଯତ୍ନ ନିଆଯାଇଛି । ଏଭଳି ସୁରକ୍ଷିତ ଉପାୟ ଅବଲମ୍ବନ କରାଯାଇଛି ଯାହା ଫଳରେ ଅଂଶଗ୍ରହଣକାରୀମାନେ ନିଜକୁ ସମସ୍ୟା ଠାରୁ ଅଲଗା କରିବା ପୂର୍ବକ ପୁଣିଥରେ ସେହି ଯନ୍ତ୍ରଣାକୁ ଅନୁଭବ କରିବେ ନାହିଁ । ଜୀବନ ବୃକ୍ଷ କାର୍ଯ୍ୟକ୍ରମ ପିଲାମାନଙ୍କ ପାଇଁ ତଥା ବୟସ୍କମାନଙ୍କ ପାଇଁ ନିଜ ଭାବନା ଉପରେ ନିୟନ୍ତ୍ରଣ ଓ ଆତ୍ମପ୍ରତ୍ୟୟ ବୃଦ୍ଧି କରାଇଥାଏ । ଏହା ବ୍ୟତୀତ ଜୀବନ ବୃକ୍ଷ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ବିଭିନ୍ନ ଦଳରେ କାର୍ଯ୍ୟ କରୁଥିବା ସମୟରେ ଉଦ୍ଦେଶ୍ୟମୂଳକ ଭାବେ ନିଜ ଜୀବନରେ ସମ୍ମୁଖୀନ ହୋଇଥିବା ବାଧାବିଘ୍ନ ସମ୍ପର୍କରେ ବର୍ଣ୍ଣନା କରିବାକୁ ବାଧ୍ୟ କରାଯାଏ ନାହିଁ । ମୁଖ୍ୟତଃ କର୍ମଶାଳା ପରେ ଯୋଗାଯୋଗ କରିବାର ସୁବିଧା ଉପଲବ୍ଧ ନଥିବା ପିଲାଙ୍କ କ୍ଷେତ୍ରରେ ଏହା ଅତ୍ୟନ୍ତ ଅସୁରକ୍ଷିତ ହୋଇପାରେ ।

ଜୀବନ ବୃକ୍ଷ କର୍ମଶାଳା ସମୟରେ ବ୍ୟକ୍ତିଙ୍କ ଜୀବନରେ ଘଟିଥିବା ସାଧାରଣ ସମସ୍ୟା ସମ୍ପର୍କରେ ଆଲୋଚନା କରିବାକୁ ପରାମର୍ଶ ପ୍ରଦାନ କରାଯାଏ, ଯେଉଁ ସମସସ୍ୟାର ସମାଧାନ ବାଟ ବାହାର କରିବା ଦିଗରେ ସମସ୍ତ ଦଳୀୟ ସଦସ୍ୟଙ୍କର ପରାମର୍ଶ ଗ୍ରହଣ କରାଯାଇଥାଏ । ଏଠାରେ ସାଧାରଣ ସମସ୍ୟା ଉପରେ ଗୁରୁତ୍ୱ ଦିଆଯାଇଥାଏ । ସେହିଭଳି ଅଂଶଗ୍ରହଣକାରୀ ମାନଙ୍କୁ ଏକଥା ବୁଝିବାରେ ସାହାଯ୍ୟ କରିବା ଆବଶ୍ୟକ ଯେ, ସେମାନଙ୍କ ଜୀବନ କେବଳ ତାଙ୍କର ନୁହେଁ ବରଂ ନିଜ ପରିବାର ସଦସ୍ୟ, ଗୋଷ୍ଠୀ ଓ ସମବୟସ୍କ ବନ୍ଧୁମାନଙ୍କୁ ନେଇ ଗଠିତ । ଏହା ଜୀବନରେ ଅତ୍ୟଧିକ ଦୁଃଖ ଓ ଯନ୍ତ୍ରଣାକୁ ଅନୁଭବ କରିଥିବା ବ୍ୟକ୍ତିଙ୍କ ମନରେ ସମ୍ପର୍କଚ୍ଛିନ୍ନ ହୋଇ ଏକୁଟିଆ ହୋଇଯିବାର ଭୟ ସଂଚାରକୁ ପ୍ରଶମିତ କରିଥାଏ । ଆବଶ୍ୟକସ୍ଥଳେ ଏହି ବ୍ୟକ୍ତିମାନଙ୍କର ଦକ୍ଷତାଗୁଡିକୁ ଚିହ୍ନଟ କରାଯାଏ ଏବଂ ସକରାତ୍ମକ ସମାଧାନ ପନ୍ଥା ବାହାର କରାଯାଏ ।

## ଜୀବନ ବୃକ୍ଷ କାର୍ଯ୍ୟକ୍ରମ ସମ୍ପର୍କକୁ କିଭଳି ସୁଦୃଢ କରିଥାଏ ?

ଜୀବନ ବୃକ୍ଷ କାର୍ଯ୍ୟକ୍ରମରେ ଉଦ୍ଦେଶ୍ୟମୂଳକ ଭାବେ ଅଂଶଗ୍ରହଣକାରୀମାନଙ୍କୁ ଡକାଯାଇ ସେମାନଙ୍କର ନିଜ ପରିବାର ସଦସ୍ୟ, ଯତ୍ନ ନେଉଥିବା ବ୍ୟକ୍ତିବିଶେଷ, ଗୋଷ୍ଠୀର ଲୋକ ବା ସାଙ୍ଗସାଥୀମାନଙ୍କୁ ସହିତ ଥିବା ମୂଲ୍ୟବାନ ସମ୍ପର୍କ ବିଷୟରେ ପ୍ରକାଶ କରିବାକୁ ପ୍ରୋତ୍ସାହିତ କରାଯାଏ । ମୁଖ୍ୟତଃ ଯୁବାବର୍ଗ ଅଂଶ ଗ୍ରହଣକାରୀମାନଙ୍କ ପାଇଁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ପରିଶେଷରେ ଅଂଶଗ୍ରହଣକାରୀମାନଙ୍କୁ ଜୀବନ ବୃକ୍ଷ କାର୍ଯ୍ୟକ୍ରମରେ ସେମାନଙ୍କର ସକ୍ରିୟ ଅଂଶଗ୍ରହଣ ପାଇଁ ପ୍ରମାଣ ପତ୍ର ବା ସାର୍ଟିଫିକେଟ ପ୍ରଦାନ କରାଯାଏ । ଏହି ପ୍ରମାଣପତ୍ର ବଣ୍ଟନ ସମାରୋହ ଜରିଆରେ ଅଂଶଗ୍ରହଣକାରୀଙ୍କ ଜୀବନରେ ଥିବା ଘନିଷ୍ଠ ବ୍ୟକ୍ତିଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ସମ୍ମାନିତ କରାଯାଏ । ଅଂଶଗ୍ରହଣକାରୀଙ୍କୁ ମଧ୍ୟ ତାଙ୍କ ଜୀବନରେ ସହଯୋଗ କରିଥିବା ବ୍ୟକ୍ତି ବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଚିଠି ଲେଖିବା କିମ୍ବା ଚିତ୍ର ମାଧ୍ୟମରେ ବାର୍ତ୍ତା ଦେବାର ସୁଯୋଗ ଦିଆଯାଏ । ସାହାଯ୍ୟକାରୀମାନଙ୍କ ସମ୍ପର୍କରେ ଆଲୋଚନା ପଦ୍ଧତି ଜରିଆରେ ଅଂଶଗ୍ରହଣକାରୀ ନିଜର ଯତ୍ନ ନେଉଥିବା ବ୍ୟକ୍ତିବିଶେଷ ବା ପରିବାର ସଦସ୍ୟଙ୍କ ସହିତ ଭାବନାତ୍ମକ ସ୍ତରରେ ଯୋଡିହେବାର ସୁଯୋଗ ରହିଛି ବୋଲି ଆଶା କରାଯାଏ ।

## ପରାମର୍ଶଦାତାଙ୍କର ଚୟନ କିଭଳି କରାଯିବା ଆବଶ୍ୟକ ?

ଜୀବନ ବୃକ୍ଷ କାର୍ଯ୍ୟକ୍ରମର ଗୁଣାତ୍ମକମାନ ଏହାକୁ ପରିଚାଳନା କରୁଥିବା ପରାମର୍ଶଦାତାଙ୍କର ସମ୍ବେଦନଶୀଳତା ଓ ସହାୟତା ପ୍ରଦାନ ଶୈଳୀ ଉପରେ ବହୁ ଭାବେ ନିର୍ଭର କରିଥାଏ । ଏଥିନିମନ୍ତେ କୌଣସି ବିଶ୍ୱବିଦ୍ୟାଳୟର ଡିଗ୍ରୀ ହାସଲ କରିବା ଆବଶ୍ୟକ ନୁହେଁ । ଅନେକ ବର୍ଷ ଧରି ଆମେ ଦେଖିଆସୁଛୁ ଯେ ଧର୍ମଗୁରୁ, ଶିକ୍ଷକ, ଏନଜିଓର କର୍ମଚାରୀ ଏବଂ ସ୍ୱେଚ୍ଛାସେବୀମାନେ ମଧ୍ୟ ଜଣେ ଜଣେ ଚମତ୍କାର ପରାମର୍ଶଦାତାଙ୍କ ଭୂମିକା ନିର୍ବାହ କରିପାରିବେ ଯଦି ସେମାନେ ଜୀବନ ବୃକ୍ଷ କର୍ମଶାଳାକୁ ପରିଚାଳନା କରିବା ପାଇଁ ସ୍ଥିର ହୋଇଥିବା ପଦ୍ଧତି ସମ୍ପର୍କରେ ପୂର୍ବରୁ ପ୍ରଶିକ୍ଷଣ ନେଇ ପ୍ରସ୍ତୁତ ହୋଇଥିବେ । ପରାମର୍ଶଦାତା ଚୟନ ନିମନ୍ତେ କୌଣସି ବ୍ୟକ୍ତିଙ୍କର ଶିକ୍ଷାଗତ ଯୋଗ୍ୟତା ଅପେକ୍ଷା ସେମାନଙ୍କର ବ୍ୟକ୍ତିତ୍ୱରେ ଅନ୍ୟମାନଙ୍କ ପ୍ରତି ଯତ୍ନଶୀଳହେବା, ଅନ୍ୟ କଥାକୁ ଶୁଣିବାରେ ଆଗ୍ରହ ଓ ଏଭଳି କାର୍ଯ୍ୟକ୍ରମ ପରିଚାଳନା ପାଇଁ ଇଚ୍ଛାଶକ୍ତି ଅଧିକ ଗୁରୁତ୍ୱ ବହନ କରିଥାଏ । ମୁଖ୍ୟ ପରାମର୍ଶଦାତା ପୂର୍ବରୁ କୌଣସି ମନୋସାମାଜିକ ପ୍ରଶିକ୍ଷଣ ନେଇଥିବେ କିମ୍ବା ଏଥିସହ ଜଡିତ ମୂଲ୍ୟବୋଧ ଓ ନିୟମଗୁଡିକ ବିଷୟରେ ସ୍ପଷ୍ଟ ଧାରଣା ରଖିଥିବେ ।

ରେପ୍‌ସି (REPSSI) ଦ୍ୱାରା ସ୍ଥିରିକୃତ ନିୟମ ଅନୁସାରେ ପରାମର୍ଶଦାତା ଓ ଅଂଶଗ୍ରହଣକାରୀଙ୍କ ସଂଖ୍ୟାର ଅନୁପାତ ୧:୩ ରହିବା ଆବଶ୍ୟକ କିମ୍ବା ଅଭିଜ୍ଞତା ସମ୍ପନ୍ନ ପରାମର୍ଶଦାତାଙ୍କ କ୍ଷେତ୍ରରେ ଏହି ଅନୁପାତ ୧:୪ ବା ୧:୫ ହୋଇପାରେ । ଯଦିଓ ପ୍ରତ୍ୟେକ ଅଂଶଗ୍ରହଣକାରୀ ନିଜ କାହାଣୀ ଶୁଣାଇବା ସମୟରେ କାର୍ଯ୍ୟକ୍ରମ ପରିଚାଳନା ସମାନ୍ୟ କଷ୍ଟ ହୋଇପାରେ ।

ପ୍ରତ୍ୟେକ ଜୀବନ ବୃକ୍ଷ କର୍ମଶାଳାରେ ଅନ୍ୟୁନ ୨ ଜଣ ଲେଖାଏଁ ପରାମର୍ଶଦାତା ନିଯୁକ୍ତି କରାଯିବା ଆବଶ୍ୟକ. ମାତ୍ର ୨ ଜଣ ପରାମର୍ଶଦାତାଙ୍କ ଦ୍ୱାରା ଏହି କାର୍ଯ୍ୟକ୍ରମ ଶେଷ କରିବା ପାଇଁ ଅଧିକ ସମୟ ଆବଶ୍ୟକ ହୋଇପାରେ, ତେବେ ଜଣେ ପରାମର୍ଶଦାତାଙ୍କୁ ମୁଖ୍ୟ ପରାମର୍ଶଦାତା ଓ ଅନ୍ୟ ଜଣଙ୍କୁ ସହାୟକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇପାରେ । ସହାୟକ ପରାମର୍ଶଦାତା ଅଂଶଗ୍ରହଣକାରୀଙ୍କ ନିକଟକୁ ଯାଇ ସେମାନଙ୍କୁ ପରାମର୍ଶ ପ୍ରଦାନ କରିପାରନ୍ତି ।

ପରାମର୍ଶଦାତା ପରସ୍ପରକୁ ତଥା ଅଂଶଗ୍ରହଣକାରୀଙ୍କୁ ସହାୟତା ପ୍ରଦାନ କରିପାରିବେ ଏବଂ ଯେଉଁମାନଙ୍କୁ

ଲେଖିବାରେ ସମସ୍ୟା ଥିବ ସେମାନଙ୍କୁ ମଧ୍ୟ ସାହାଯ୍ୟ କରିବେ । ଏହିଭଳି ଭିନ୍ନ ଭିନ୍ନ ଦାୟିତ୍ୱ ପାଳନର ଆବଶ୍ୟକତା ଥିବାରୁ ଏହି ପୁସ୍ତିକାରେ ପରାମର୍ଶଦାତା ଓ ପ୍ରଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଅଦଳବଦଳ କରି ବର୍ଣ୍ଣନା କରାଯାଇଛି । ତେବେ ପରାମର୍ଶଦାତା ଶବ୍ଦଟି ଅଧିକ ଗ୍ରହଣୀୟ ।

ପରାମର୍ଶଦାତା ଚୟନର ସବୁଠାରୁ ଶ୍ରେଷ୍ଠ କୌଶଳ ହେଉଛି ଯେ, ଜୀବନ ବୃକ୍ଷ କର୍ମଶାଳାରେ ପୂର୍ବରୁ ଅଂଶଗ୍ରହଣ କରି ଅନ୍ୟମାନଙ୍କ ନିକଟରେ ନିଜ ଜୀବନ ବୃକ୍ଷ ସମ୍ପର୍କରେ ବର୍ଣ୍ଣନା କରିଥିବା ବ୍ୟକ୍ତିଙ୍କୁ ଏହି ଦାୟିତ୍ୱ ଦେବା । ତେବେ ଏଭଳି କରିବା ପାଇଁ ଜଣେ ପ୍ରଶିକ୍ଷାର୍ଥୀଙ୍କୁ ଗୋଟିଏରୁ ଅଧିକ କର୍ମଶାଳାରେ ଅଂଶଗ୍ରହଣ କରିବା ଆବଶ୍ୟକ । ଜଣେ ନୂଆ ପରାମର୍ଶଦାତା ମୁଖ୍ୟ ପରାମର୍ଶଦାତା ଭୂମିକା ତୁଲାଇବା ପୂର୍ବରୁ ଜଣେ ଅଭିଜ୍ଞ ପରାମର୍ଶଦାତାଙ୍କ ସହିତ ପୂର୍ବରୁ କାର୍ଯ୍ୟକରିବା ଜରୁରୀ ।

## ଜୀବନର ବୃକ୍ଷ କର୍ମଶାଳା ନିର୍ଦ୍ଧାରିତ ସମୟ କେତେ ?

ସାଧାରଣତଃ ଭାବେ ଏକ ଜୀବନ ବୃକ୍ଷ କର୍ମଶାଳାକୁ ପୁରାକରିବା ପାଇଁ ୮ ଘଣ୍ଟା (ଏକ ଦିନ) ସମୟ ଆବଶ୍ୟକ, ଯଦିଓ କେବେ କେବଳ ପରାମର୍ଶଦାତା ଏହାକୁ ପୁରାକରିବା ପାଇଁ ଅଧିକ ସମୟ (ଦୁଇଦିନ) ଲାଗୁଛି ବୋଲି କହିଛନ୍ତି । ସେହି କ୍ଷେତ୍ରରେ ଅଧିକ ସମୟ (ଦୁଇଦିନ) ଲାଗିପାରେ । ଯେଉଁଠି ସମସ୍ତ ଅଂଶଗ୍ରହଣକାରୀମାନେ ସେମାନଙ୍କର ଜୀବନର ବୃକ୍ଷ କାହାଣୀକୁ ସବିଶେଷ ଭାବରେ ଉପସ୍ଥାପନ କରିବେ କିମ୍ବା କର୍ମଶାଳାକୁ ସମ୍ପାଦନା କରିବା ଲାଗି ମାତ୍ର ଦୁଇଜଣ ପରାମର୍ଶଦାତା ନିଯୁକ୍ତି ହୋଇଥିବେ ।

ଏକ ଦିବସୀୟ କର୍ମଶାଳା ପାଇଁ, ପ୍ରଥମ ଭାଗକୁ ସମ୍ପୂର୍ଣ୍ଣ କରିବାକୁ ଆନୁମାନିକ ୪-୫ ଘଣ୍ଟା (ସକାଳ ପ୍ରହର ସମୟ ଏବଂ ଦ୍ୱିତୀୟ ଭାଗରୁ ଚତୁର୍ଥ ଭାଗକୁ ସମ୍ପାଦନା କରିବା ଲାଗି ୩-୪ ଘଣ୍ଟା (ଅପରାହ୍ନ) ସମୟ ଲାଗିପାରେ ।

ଯେହେତୁ ଜୀବନର ବୃକ୍ଷ କର୍ମଶାଳା ଏକ ଦିନ ସମୟ ନିଏ ଏବଂ ଏଥିରେ ୪ଟି ଭାଗର ଆଲୋଚନା ରହିଛି; ତେଣୁ ମଝିରେ ମଝିରେ ବିରତି ଏବଂ ଶକ୍ତି / ଉତ୍ସାହବର୍ଦ୍ଧକ ଖେଳ ରଖିବାର ଆବଶ୍ୟକତା ରହିଛି । ଏହା ଉଭୟ ପରାମର୍ଶଦାତା ଏବଂ ଅଂଶଗ୍ରହଣକାରୀମାନଙ୍କୁ ସ୍ୱଚ୍ଛନ୍ଦରେ ଏବଂ ଉତ୍ସାହପୂର୍ଣ୍ଣ ଭାବେ ପୁରା କର୍ମଶାଳାରେ ଅଂଶଗ୍ରହଣ କରିବାକୁ ସାହାଯ୍ୟ କରିଥାଏ । ଏହିଭଳି ବିରତି ବା ଉତ୍ସାହପୂର୍ଣ୍ଣ ଖେଳ କରିବା ପାଇଁ କୌଣସି ନିର୍ଦ୍ଦିଷ୍ଟ ସମୟାନୁସରଣର ନିୟମ ନାହିଁ; କିନ୍ତୁ ଯେତେବେଳେ ପରାମର୍ଶଦାତା ଅନୁଭବ କରିବେ ଯେ ଅଂଶଗ୍ରହଣକାରୀମାନେ ଭାରାକ୍ରାନ୍ତ ହୋଇଯାଉଛନ୍ତି ବା ସେମାନଙ୍କର ଉତ୍ସାହ କମୁଛି ସେତେବେଳେ ଏହିଭଳି ବିରତି ବା ଖେଳ କରାଯାଇପାରିବ । କେତେକ ଶକ୍ତି / ଉତ୍ସାହବର୍ଦ୍ଧକ ଖେଳ ବିଷୟରେ ଏହି ପୁସ୍ତିକାର ପଛ ପାର୍ଶ୍ୱରେ ଅବତାରଣା କରାଯାଇଛି । ଅଂଶଗ୍ରହଣକାରୀମାନେ ମଧ୍ୟ ସେମାନେ ଜାଣିଥିବା ଖେଳ କରିପାରିବେ । ଯଦି ଏହି କର୍ମଶାଳା ଏକାଧିକ ଦିନ ଚାଲୁଛି ତେବେ ପ୍ରତି ଭାଗ ଶେଷରେ ବା ଦୁଇଟି ଭାଗ ମଧ୍ୟରେ ବିରତି କାର୍ଯ୍ୟକ୍ରମ କରାଯାଇପାରେ ।

## ସଂସ୍କୃତି ସମୁଚିତ ରୂପକର ବ୍ୟବହାର

ବିଶ୍ୱରେ ପ୍ରାୟତଃ ସମସ୍ତ ଗୋଷ୍ଠୀ/ସମାଜରେ ବୃକ୍ଷ ଦେଖିବାକୁ ମିଳିଥାଏ ଏବଂ ଏହା ଜୀବନ, ଖାଦ୍ୟ, ବାସଗୃହ, ସାମର୍ଥ୍ୟ, ନିରାପତ୍ତା, ଚିକିତ୍ସା ଇତ୍ୟାଦି ସହିତ ସମ୍ବନ୍ଧିତ ଅଟେ । କିନ୍ତୁ ଯେଉଁଠାରେ ଅଳ୍ପ ସଂଖ୍ୟକ ବୃକ୍ଷ ଦେଖାଯାଏ (ଉଦାହରଣସ୍ୱରୂପ ମରୁଅଞ୍ଚଳ) କିମ୍ବା ଯେଉଁ ଅଞ୍ଚଳରେ ଜଙ୍ଗଲକୁ ବିପଦସଙ୍କୁଳ ପୂର୍ଣ୍ଣ ଭାବରେ ବିବେଚନା କରାଯାଏ, ସେ କ୍ଷେତ୍ରରେ ନୂତନ ରୂପକୁ ବ୍ୟବହାର କରାଯାଇପାରେ (ଯଥା ଜଙ୍ଗଲ ପରିବର୍ତ୍ତେ ବଗିଚା) । ଏହା ନିତାନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ପରାମର୍ଶ ସେବାରେ ବ୍ୟବହାର କରାଯାଉଥିବା ପଦ୍ଧତି ଓ ବିଚାରଧାରା ସେହି ଅଞ୍ଚଳରେ ସଂସ୍କୃତି ଓ ପୃଷ୍ଠଭୂମି ସହିତ ଖାପ ଖାଉଥିବ ବା ସାମଞ୍ଜସ୍ୟ ରକ୍ଷା କରୁଥିବ । ପରାମର୍ଶ ପ୍ରକ୍ରିୟା ଭିତରେ ଆଞ୍ଚଳିକ ସଂସ୍କୃତିଗତ ଉପାଦାନକୁ ସମନ୍ୱିତ କରିବାରେ ବିଫଳ ହେବା ଏକ ଆରୋପ ଅଟେ ଏବଂ ସେହି ପରାମର୍ଶସେବା ସହାୟତା ଲୋଡୁଥିବା ଶିଶୁ ବା ବୟସ୍କ ବ୍ୟକ୍ତିଙ୍କ ପାଇଁ ଉପଯୋଗୀ ହୁଏ ନାହିଁ ।

## ସମ୍ମତି ପତ୍ର

ଏହି କର୍ମଶାଳାରେ ଶିଶୁମାନଙ୍କ ଅଂଶଗ୍ରହଣଲାଗି, ସେମାନଙ୍କର ମାତାପିତା ବା ଆଇନ ସମ୍ମତ ଅଭିଭାବକଙ୍କ ଠାରୁ ସମ୍ମତି ଆଣିବା ଆବଶ୍ୟକ ହୋଇଥାଏ । ମାତା-ପିତା ବା ଅଭିଭାବକମାନେ ସମ୍ମତି ପତ୍ରରେ ସ୍ୱାକ୍ଷର (ଦସ୍ତଖତ ବା ଟିପଚିହ୍ନ) କରିବା ପୂର୍ବରୁ, ସେମାନଙ୍କ ସହିତ ଏକ ବୈଠକ କରି ସେଥିରେ ଜୀବନର ବୃକ୍ଷ କର୍ମଶାଳାର ଉଦ୍ଦେଶ୍ୟ ଓ ପ୍ରକ୍ରିୟା ବିଷୟରେ ଅବଗତ କରାଯାଇପାରେ । କର୍ମଶାଳାର ଅଂଶଗ୍ରହଣ କରିବା ପୂର୍ବରୁ ମଧ୍ୟ ପିଲାମାନଙ୍କର ସ୍ୱାକ୍ଷରିତ ସମ୍ମତି ନେବା ଆବଶ୍ୟକ ହୋଇପାରେ । ଏହି କର୍ମଶାଳାକୁ ସଞ୍ଚାଳନ କରୁଥିବା ସଂସ୍ଥା ପାଖରେ ସ୍ୱାକ୍ଷରିତ ହୋଇଥିବା ସମ୍ମତି ପତ୍ରଗୁଡ଼ିକ ରହିବା ଉଚିତ୍ ।

## କର୍ମଶାଳା ପାଇଁ କେଉଁ କେଉଁ ସାମଗ୍ରୀ ଦରକାର ?

- ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ଏକ ବଡ ଫ୍ଲିପଚାର୍ଟ ପୃଷ୍ଠା (ଧଳା, ବା ହାଲକା ରଙ୍ଗର ବଡ କାଗଜ)
- ଅନ୍ୟ ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କ ପାଇଁ ଚିଠିଲେଖିବା (କିମ୍ବା ଚିତ୍ର ଆଙ୍କିବା) ନିମନ୍ତେ ଛୋଟ କାଗଜ
- ବିଭିନ୍ନ ରଙ୍ଗର କ୍ରେୟନ, ମାର୍କର, ପେନସିଲ ଏବଂ ପେନ୍
- ପ୍ରତି ଅଂଶଗ୍ରହଣକାରୀଙ୍କ ପାଇଁ ହସ୍ତ ପ୍ରସ୍ତୁତି ପ୍ରମାଣପତ୍ର
- ଅଂଶଗ୍ରହଣକାରୀଙ୍କ ଚିତ୍ରକୁ କାନ୍ଥରେ ଲଗାଇବା ପାଇଁ ଆବଶ୍ୟକ ଟେପ ବା ଅଠାଳିଆ ସାମଗ୍ରୀ




## ଏହି କର୍ମଶାଳାକୁ କିଭଳି ଢଙ୍ଗରେ ଆୟୋଜନ କରାଯିବ ?

- ଜୀବନର ବୃକ୍ଷ କର୍ମଶାଳାରେ ଆଦର୍ଶଗତ ଭାବରେ ୧୨ ଜଣ ଶିଶୁ ଅଂଶଗ୍ରହଣକରିବା ଉଚିତ୍ । ଯଦି କମ୍ ବୟସର (୫-୭ ବର୍ଷ) ର ପିଲାମାନେ ଅଂଶ ଗ୍ରହଣ କରୁଥିବେ ତେବେ ସେ କ୍ଷେତ୍ରରେ ସଂଖ୍ୟାକୁ ୧୦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ ଏବଂ ପରାମର୍ଶଦାତାଙ୍କ ସଂଖ୍ୟା ଅଧିକ ହେବା ଉଚିତ୍ । ଅଧିକ ବୟସର ଶିଶୁ କିମ୍ବା ବୟସ୍କମାନଙ୍କ କ୍ଷେତ୍ରରେ ଦଳର ସଂଖ୍ୟା ଅଧିକ ବଡ (୧୨ ଜଣ ପର୍ଯ୍ୟନ୍ତ) କରାଯାଇପାରିବ ଏବଂ ତହିଁରେ ଅପେକ୍ଷାକୃତ କମ୍ ପରାମର୍ଶଦାତା ରହିପାରିବେ ।
- ମନେରଖିବାକୁ ପଡିବ ଯେ, ଅନ୍ତତଃ ଜଣେ ବା ତତୋଧିକ ପରାମର୍ଶଦାତା, କମ ବୟସର ଶିଶୁମାନଙ୍କୁ ବ୍ୟକ୍ତିଗତ ସମସ୍ୟା ଆଧାରିତ ସହାୟତା ପ୍ରଦାନ ଓ ଅନ୍ୟ ବିଶେଷଜ୍ଞ ନିକଟକୁ ପ୍ରେରଣ ବ୍ୟବସ୍ଥା କରିବା ପାଇଁ ଉପଲବ୍ଧ ହେବେ ।
- ବୟସ ଅନୁଯାୟୀ ଶିଶୁମାନଙ୍କୁ ଅଲଗା ଦଳଭୁକ୍ତ କରିବା ଆବଶ୍ୟକ; ଯେପରିକି ସାନ ପିଲାମାନେ ବଡ ପିଲାମାନଙ୍କ ସହିତ କିମ୍ବା ଶିଶୁମାନେ ବୟସ୍କ ଲୋକମାନଙ୍କ ସହିତ ମିଶି ଦଳଗତ କାର୍ଯ୍ୟ କରିବେ ନାହିଁ ।
- ଆଞ୍ଚଳିକ ସଂସ୍କୃତି ଓ ସାମାଜିକ ଚଳଣୀ ଏବଂ ଅଂଶଗ୍ରହଣକାରୀମାନେ ସେମାନେ ଜୀବନର ଭୋଗିଥିବା ମାନସିକ ଅବସାଦକୁ ଆଖିରେ ରଖି, ପୁରୁଷ ଓ ସ୍ତ୍ରୀ କିମ୍ବା ପୁଅ ଓ ଝିଅକୁ ଏକାଠି ବା ଅଲଗା ଦଳଭୁକ୍ତ କରାଯାଇପାରିବ । ଉଦାହରଣ ସ୍ୱରୂପ ମାନବ ଚାଲାଣ ବା ଯୌନ ଉତ୍ପୀଡନର ଶିକାର ହୋଇଥିବା ମହିଳା ଓ ପୁରୁଷ ଅଂଶଗ୍ରହଣକାରୀଙ୍କୁ ଅଲଗା ରଖିବା ଉଚିତ୍ ।
- ବଡ ପିଲା ଏବଂ ବୟସ୍କ ବ୍ୟକ୍ତିମାନେ ସେମାନଙ୍କ ଭାବନାକୁ ଲିଖିତ ଆକାରରେ ପ୍ରକାଶ କରିବା ସହିତ ନିଜ ଜୀବନର ବୃକ୍ଷକୁ ଅଙ୍କନ କରିପାରିବେ । ଅପେକ୍ଷାକୃତ କମ ବୟସର ପିଲା ବା ଅଳ୍ପ ଶିକ୍ଷିତ ଅଂଶଗ୍ରହଣକାରୀମାନେ ସେମାନେ ଆଙ୍କିଥିବା ଜୀବନବୃକ୍ଷ ପାଖରେ ସେମାନଙ୍କର ଭାବନାକୁ ଲେଖିବା ପାଇଁ ପରାମର୍ଶଦାତାମାନଙ୍କର ସହାୟତା ନେବା ଲାଗି ସୂଚନା ଦିଆଯିବା ଦରକାର । ଯଦି ସେମାନେ ଏ ପ୍ରକାରର ସହାୟତା ଆବଶ୍ୟକ କରନ୍ତି, ତେବେ ପରାମର୍ଶଦାତା ଅଂଶଗ୍ରହଣକାରୀଙ୍କ କହିବା ଅନୁସାରେ ତାଙ୍କ ମତକୁ କେବଳ ଲେଖି ଦେଇପାରିବେ ।
- ମୁଖ୍ୟ ପରାମର୍ଶଦାତା ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଏହି କର୍ମଶାଳାର ପ୍ରକ୍ରିୟା ଓ ସେମାନଙ୍କ ନିମନ୍ତେ ଆବଶ୍ୟକୀୟ ସହାୟତା ବିଷୟରେ ଭଲ ଭାବରେ ବୁଝାଇ କହିବେ । ସହାୟକ ପରାମର୍ଶଦାତା କର୍ମଶାଳା ଆରମ୍ଭ ହେବା ପୂର୍ବରୁ ସ୍ଥାନୀୟ ସମ୍ବଳକୁ ଚିହ୍ନଟ କରି ରଖିବା ଦରକାର ଯାହାକି ଅଧିକ ସଂକଟରେ ଥିବା ଶିଶୁମାନଙ୍କ ପାଇଁ ଉପଯୋଗୀ ହୋଇପାରେ । ପରାମର୍ଶଦାତା କର୍ମଶାଳା ପୂର୍ବରୁ ଅତ୍ୟଧିକ ସମ୍ବେଦନଶୀଳ ବିଷୟକୁ ଆଲୋଚନା କରି, ତଦନୁଯାୟୀ ଆବଶ୍ୟକୀୟ ଧ୍ୟାନ ଦେବା ନିମନ୍ତେ ଯୋଜନା ପ୍ରସ୍ତୁତ କରିବା ଆବଶ୍ୟକ ।
- କର୍ମଶାଳା ଆୟୋଜନ କରିବା ପୂର୍ବକ, ଅଂଶଗ୍ରହଣକାରୀମାନଙ୍କ ନିମନ୍ତେ ପ୍ରମାଣପତ୍ର ପ୍ରସ୍ତୁତ କରାଯିବ ଓ ତାହାକୁ ଦେବା ସମୟରେ ଅଂଶ ଗ୍ରହଣକାରୀଙ୍କ ନାମ ଓ ଅନ୍ୟାନ୍ୟ ତଥ୍ୟ ପୂରଣ କରାଯିବ ।

ଯେହେତୁ ଏହି କର୍ମଶାଳା ଅଧିକ ସମୟ ପର୍ଯ୍ୟନ୍ତ ଚାଲିବ, ତେଣୁ ଅଂଶଗ୍ରହଣକାରୀଙ୍କପାଇଁ ଜଳପାନର ବ୍ୟବସ୍ଥା କରାଯିବା ଦରକାର ।

- ଉତ୍ସାହ / ଶକ୍ତିବର୍ଦ୍ଧନକାରୀ ଖେଳସୂଚୀ (ଅନୁବନ୍ଧ-୧ ଦେଖନ୍ତୁ) ପ୍ରସ୍ତୁତ କରାଯିବା ଦରକାର, ଯାହାକି କର୍ମଶାଳା ମଧ୍ୟରେ ଆବଶ୍ୟକ ମୁତାବକ ସଂଚାଳନ କରାଯିବ ।
- ଅଂଶଗ୍ରହଣକାରୀମାନଙ୍କ ସହିତ ଆଲୋଚନା କରି ଏକ ସଙ୍ଗୀତ ପ୍ରସ୍ତୁତ କରନ୍ତୁ । ଯାହାକି ପ୍ରମାଣପତ୍ର ପ୍ରଦାନ ସମୟରେ ଅଂଶଗ୍ରହଣକାରୀମାନେ ଦଳଗତ ଭାବରେ ଗାୟନ କରିବେ ।
- କର୍ମଶାଳାର ଶେଷ ପର୍ଯ୍ୟାୟରେ ଅନୁଷ୍ଠିତ ହେବାକୁ ଥିବା ପ୍ରମାଣପତ୍ର ବଣ୍ଟନ ଉତ୍ସବକୁ ମାତା-ପିତା ଯତ୍ନ ପ୍ରଦାନକାରୀ, ସାଙ୍ଗସାଥି ଏବଂ ଗୋଷ୍ଠୀର ସଭ୍ୟା/ସଭ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇପାରେ । କର୍ମଶାଳାକୁ ଯଥା ସମ୍ଭବ ଅଂଶଗ୍ରହଣକାରୀମାନଙ୍କ ସ୍ଥାନୀୟ ଭାଷା ବ୍ୟବହାରକରି ପରିଚାଳନା କରିବା ଉଚିତ୍ ।

## ଶିଶୁମାନଙ୍କୁ ଜୀବନର ବୃକ୍ଷ ସହିତ ପରିଚୟ କରାଇବା

ପରାମର୍ଶଦାତା ଜୀବନ ବୃକ୍ଷ କର୍ମଶାଳା ଓ ଏହାର ପରିଚୟ ପ୍ରଦାନ କରିବା ନିମନ୍ତେ ପୂର୍ବ ପ୍ରସ୍ତୁତ ନିୟମାବଳୀକୁ ଅନୁସରଣ କରିବା ପରିବର୍ତ୍ତେ ନିଜେ ଅଭିନବ ଢଙ୍ଗରେ ପିଲାମାନଙ୍କୁ କର୍ମଶାଳା ଉପରେ ପରିଚିତ କରାଇବାକୁ ଉତ୍ସାହିତ କରାଯାଏ । ଏଥିନିମନ୍ତେ ପରାମର୍ଶଦାତାକୁ ସୃଜନଶୀଳତା, ଅଭିନବୀ କରାଇବା ଓ ସ୍ଥାନୀୟ ସଂସ୍କୃତିର ଆଦୃତତାକୁ ଗୁରୁତ୍ୱ ଦେବା ନିମନ୍ତେ ଉତ୍ସାହିତ କରାଯାଇଥାଏ ।

ପିଲାମାନଙ୍କ ସହିତ ସିଧାସଳଖ କଥାବାର୍ତ୍ତା କରିବା ସମୟରେ କେତେକ ପରାମର୍ଶ ବିଚାରକୁ ନେବାକୁ ପଡିଥାଏ । ଏହାକୁ ମଧ୍ୟ ବୟସ୍କମାନଙ୍କ କ୍ଷେତ୍ରରେ ବ୍ୟବହାର କରାଯାଇପାରିବ ।

- କର୍ମଶାଳାର ପ୍ରକ୍ରିୟା ଆରମ୍ଭ ହେବା ପୂର୍ବରୁ ପିଲାମାନଙ୍କୁ ବୁଝାନ୍ତୁ ଯେ ସେମାନେ ଏଠାରେ ଜୀବନ ବୃକ୍ଷ ପଦ୍ଧତିକୁ ବ୍ୟବହାର କରି ପରସ୍ପରକୁ ଉତ୍ସାହିତ କରିବା ଲାଗି ଏକତ୍ରୀତ ହୋଇଛନ୍ତି ।
- ସାଧାରଣତଭାବରେ ବୃକ୍ଷ ଉପରେ ଏକ ଛୋଟ ଆଲୋଚନା କରନ୍ତୁ । ସାଧାରଣତଃ ଭାବରେ ପିଲାମାନେ ବୃକ୍ଷ ଉପରେ ସେମାନଙ୍କର ଜ୍ଞାନ ଓ ଧାରଣାକୁ ଜଣାଇବାକୁ ଆଗ୍ରହୀ ହୋଇଥାଆନ୍ତି, ସେମାନେ ଗୋଷ୍ଠୀ, ଚାରିପଟେ ଜଗିଥିବା ବିଭିନ୍ନ ପ୍ରକାର ବୃକ୍ଷ ବିଷୟରେ କଥା ହୋଇପାରନ୍ତି ।
- ପିଲାମାନଙ୍କୁ ବୃକ୍ଷର ବିଭିନ୍ନ ଅଂଶ/ଭାଗ (ଗଣ୍ଡି, ଚେର, ଡାଳ, ପତ୍ର, ଫଳ) ଉପରେ କଥା ହେବାପାଇଁ କୁହନ୍ତୁ ଏବଂ ଜଙ୍ଗଲ ବିଷୟରେ ସେମାନଙ୍କର ଧାରଣା କଣ ଅଛି ମଧ୍ୟ ପଚାରନ୍ତୁ ।
- ସେମାନଙ୍କୁ ବୁଝାନ୍ତୁ ଯେ ଏହି କର୍ମଶାଳାର ଉଦ୍ଦେଶ୍ୟ ହେଉଛି ଜୀବନ ବୃକ୍ଷକୁ ତିଆରି କରି ପରସ୍ପରକୁ ସହଯୋଗ ପ୍ରଦାନ କରିବା ।
- ଉଦାହରଣସ୍ୱରୂପ ତୁମେ କହିପାର, ଜୀବନ ବୃକ୍ଷ କର୍ମଶାଳା ଏକ କାର୍ଯ୍ୟକ୍ରମ ଯେଉଁଥିରେ ପିଲା ଓ ବୟସ୍କ ବ୍ୟକ୍ତିମାନେ ଏବଂ ବଡ କାଗଜରେ ଏକ ବୃକ୍ଷକୁ ଚିତ୍ରଣ କରି ସେଥିରେ ଚେର, ମୂଳଭୂମି, ଡାଳ, ପତ୍ର ଓ ଫଳ ଆଙ୍କିବେ । ତାପରେ ଆମେ ପଚାରିବୁ ଯେ ତୁମେ ଭାବ, ଯଦି ତୁମ ଜୀବନ ଏକ ବୃକ୍ଷ ହୁଏ ତେବେ ଏହି ଅଂଶଗୁଡିକ ତୁମ ଜୀବନର ସବୁ କଣ କଣ ଅଟନ୍ତି । ଉଦାହରଣ ସ୍ୱରୂପ- ଚେର ହେଉଛି ତୁମର ବଂଶ ଯେଉଁଠାରୁ ତୁମର ଉତ୍ପତ୍ତି ହୋଇଛି ଏବଂ ଡାଳ ବା ଶାଖା ହେଉଛି ତୁମର ଆଶା, ସ୍ୱପ୍ନ ଏବଂ ଇଚ୍ଛା ଏବଂ ପତ୍ର ହେଉଛି ତୁମ ଜୀବନରେ ଥିବା / ଆସିଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ।
- ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ଯେ, ସମସ୍ତଙ୍କୁ ନିଜର ଜୀବନ ବୃକ୍ଷକୁ ଆଙ୍କିବା ଏବଂ ତା ବିଷୟରେ କହିବାକୁ ସୁଯୋଗ ମିଳିବ ।
- ପରାମର୍ଶଦାତା ନିଜର ଜୀବନ ବୃକ୍ଷ ଚିତ୍ରକୁ (ତାହାକୁ ପରାମର୍ଶଦାତା ନିଜେ ସଂଚାଳନ ପ୍ରଶିକ୍ଷଣ ସମୟରେ ତିଆରି କରିବେ) ଅନ୍ୟମାନଙ୍କ ପାଖରେ ଉପସ୍ଥାପନ କରିବେ କିମ୍ବା ପୂର୍ବ କର୍ମଶାଳାରୁ ଅନ୍ୟ ଜୀବନ ବୃକ୍ଷର ଉଦାହରଣକୁ ନେ ଜୀବନବୃକ୍ଷର ପ୍ରସ୍ତୁତକର୍ତ୍ତାଙ୍କ ଠାରୁ ଅନୁମତି ନିଛି) ପିଲାମାନଙ୍କୁ ବୁଝାଇପାରିବେ ଯେ ଜୀବନ ବୃକ୍ଷର ଚିତ୍ରଣ କହିଲେ କଣ ବୁଝାଯାଏ ଏବଂ ସେମାନେ କଣ ବୁଝିବାକୁ ଯାଉଛନ୍ତି । କିନ୍ତୁ ଏହା ନିଶ୍ଚିତ କରିବାକୁ ପଡିବ ଯେ ଅଂଶଗ୍ରହଣକାରୀମାନେ ଏହି ଉଦାହରଣ ଭାବେ ଦେଖାଇପାରିବେ । ଜୀବନ ବୃକ୍ଷର ଚିତ୍ରକୁ ଯେପରି ନକଲ ନକରିବେ । ଏଥିପାଇଁ ପୂର୍ବପ୍ରସ୍ତୁତ ଚିତ୍ରଗୁଡିକ ପରେ ଦେଖାଇଦେଲା ପରେ ସେଗୁଡିକୁ ଦୂରେଇ ରଖି ଦିଅନ୍ତୁ ।
- ଏକଥା ମଧ୍ୟ କୁହନ୍ତୁ ଯେ ଯଦି କୌଣସି ଶିଶୁ ଅଂଶଗ୍ରହଣ କରିବାକୁ ଅନିଚ୍ଛୁକ ହେବେ, ତେବେ ସେଥିରେ କୌଣସି ଅସୁବିଧା ନାହିଁ । କୌଣସି ବି ପିଲାକୁ ଏହି ପ୍ରକ୍ରିୟାର କୌଣସି କାର୍ଯ୍ୟ କରିବାକୁ ବାଧ୍ୟ କରାଯାଇ ପାରିବ ନାହିଁ ।
- ପ୍ରଶ୍ନ ପଚାରିବା ଓ ଆଲୋଚନା କରିବା ପାଇଁ ଆବଶ୍ୟକ ସମୟ ଦିଅନ୍ତୁ ।
- ପ୍ରଥମେ ପିଲାମାନଙ୍କର ଚିତ୍ର ଆଙ୍କିବା ପାଇଁ ମନଯୋଗ ଏବଂ ଆଗ୍ରହ ସୃଷ୍ଟି କରିସାରିବା ପରେ, ସେମାନଙ୍କୁ ପରାମର୍ଶଦାତାଙ୍କ ସହ ମିଶି ଦିନଟି ବିତାଇବା ପାଇଁ ଏବଂ ନିଜର ବ୍ୟକ୍ତିଗତ ଜୀବନ ବୃକ୍ଷ ପ୍ରସ୍ତୁତି କରିବା ପାଇଁ ଆମନ୍ତ୍ରଣ କରନ୍ତୁ ।
- ପ୍ରତି ଜୀବନ ବୃକ୍ଷ କର୍ମଶାଳାର ପ୍ରାରମ୍ଭରେ, ପରାମର୍ଶଦାତା ମଧ୍ୟ ଅଂଶଗ୍ରହଣକାରୀମାନଙ୍କ ସହିତ ଗୋପନୀୟତା ବିଷୟରେ ଆଲୋଚନା କରିବା ଉଚିତ୍ । ସମସ୍ତ ଅଂଶଗ୍ରହଣକାରୀଙ୍କୁ ଚେତାଇବାକୁ ପଡିବ ଯେ ବ୍ୟକ୍ତିଗତ ଜୀବନ ସମ୍ପର୍କିତ ଯାହାବି କହିବେ ଓ ଶୁଣିବେ, ତାହାକୁ ଏହି ଦଳ ବାହାରେ ଆଲୋଚନା କରିବେ ନାହିଁ । ପରାମର୍ଶଦାତା ମଧ୍ୟ କେଉଁ କଥାକୁ ବାହାର କୁହାଯାଇପାରିବ ଓ କୁହାଯାଇପାରିବ ନାହିଁ ସେ ବିଷୟରେ ଉଦାହରଣ ଦେଇ ବୁଝାଇବା ଉଚିତ୍ ।

# ଆମ ଜୀବନ ବୃକ୍ଷର ପ୍ରସ୍ତୁତି କରଣ

## ଭାଗ-୧



# ପ୍ରଥମ ଭାଗ ନିମନ୍ତେ ପ୍ରସ୍ତୁତି-

କର୍ମଶାଳା ଆରମ୍ଭ ହେବା ପୂର୍ବରୁ ପରାମର୍ଶଦାତାଙ୍କୁ ନିଷ୍ପତ୍ତି ନେବାକୁ ପଡିବ ଯେ, କେଉଁଭଳି ଭାବରେ ଅଂଶଗ୍ରହଣକାରୀମାନଙ୍କର ଜୀବନ କାହାଣୀ ଏହି କର୍ମଶାଳାରେ ବ୍ୟବହାର କରାଯିବ । ଏହା ଜୀବନ ବୃକ୍ଷ କାର୍ଯ୍ୟକ୍ରମର ଏକ ଗୁରୁତ୍ୱପୂର୍ଣ୍ଣ ଭାଗ । ଏହି କାର୍ଯ୍ୟକ୍ରମ କର୍ମଶାଳାର ପ୍ରଥମ ଭାଗରେ ଆରମ୍ଭ ହେବ । କାର୍ଯ୍ୟକ୍ରମର ପରିଚାଳନା ନିମ୍ନରେ ଉଲ୍ଲେଖ କରାଯାଇଥିବା ପଦ୍ଧତି ଅନୁସରଣରେ କରାଯିବ ।

ସମସ୍ତ ଅଂଶଗ୍ରହଣକାରୀମାନେ ପରାମର୍ଶଦାତାଙ୍କର କଥାକୁ ଅନୁସରଣ କରି ଏକ ବୃକ୍ଷର ସମ୍ପୂର୍ଣ୍ଣ ଚିତ୍ର ଆଙ୍କିବେ । ଏହି ଚିତ୍ରଟିରେ ବୃକ୍ଷକୁ ଜାବୁଡ଼ି ଧରି ରଖିଥିବା ମାଟି ଓ ଚେର ଠାରୁ ଆଙ୍କିବା ଆରମ୍ଭ କରିବା ପାଇଁ କୁହନ୍ତୁ ଏବଂ ପରାମର୍ଶଦାତାଙ୍କ ନିର୍ଦ୍ଦେଶ ଅନୁସାରେ ଅଂଶଗ୍ରହଣକାରିମାନେ ବୃକ୍ଷର ବିଭିନ୍ନ ଭାଗକୁ ଅଙ୍କନ ଆଙ୍କି କରି ଚିତ୍ରଟିକୁ ସମ୍ପୂର୍ଣ୍ଣ କରିବେ । ପ୍ରଥମେ ଚିତ୍ରଟି ସମ୍ପୂର୍ଣ୍ଣ ଭାବେ ଆଙ୍କି ସାରିବା ପରେ ନିର୍ଦ୍ଦେଶ ଅନୁସାରେ ବୃକ୍ଷର ଅଂଶରେ ବର୍ଣ୍ଣନାମୂଳକ ବିଷୟ ଲେଖାଯିବ । ମନେରଖନ୍ତୁ ଯେଉଁ ଅଂଶଗ୍ରହଣକାରୀମାନେ (ଅର୍ଦ୍ଧ-ଶିକ୍ଷିତ ବା କମ୍ ବୟସର ପିଲା) ସେହି କ୍ଷେତ୍ରରେ ପରାମର୍ଶଦାତା ସେମାନଙ୍କୁ ସାହାଯ୍ୟ କରିବେ । ପରାମର୍ଶଦାତାଙ୍କ ପାଇଁ ଏହା ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଚିତ୍ର ସହିତ ସବିଶେଷ ବିବରଣୀ ହିଁ ଜଣେ ବ୍ୟକ୍ତିଙ୍କୁ ଜୀବନ କାହାଣୀର ଉପସ୍ଥାପନାକୁ ବଳିଷ୍ଠ କରିଥାଏ ଏବଂ ପରାମର୍ଶଦାତା ବଳିଷ୍ଠ ଓ ବିଶ୍ୱସନୀୟ କାହଣୀକୁ ପରବର୍ତ୍ତୀ ଅଧିବେଶନମାନଙ୍କରେ ବ୍ୟବହାର କରିଥାନ୍ତି । ଯେତେବେଳେ ଏହା ସମ୍ପୂର୍ଣ୍ଣ ହୋଇଯିବ, ସମସ୍ତ ଅଂଶଗ୍ରହଣକାରୀ ନିଜେ ଆଙ୍କ ଥିବା ଜୀବନ-ବୃକ୍ଷର କାହାଣୀ ଉପସ୍ଥାପନ କରିବେ । ପ୍ରଶିକ୍ଷଣର ପ୍ରଥମ ଭାଗ (ଚା, ଜଳଖିଆ ଏବଂ ମଧ୍ୟାହ୍ନ ଭୋଜନ ବିରତିକୁ ମିଶାଇ) ସମ୍ପୂର୍ଣ୍ଣ ହେବା ନିମନ୍ତେ ପ୍ରାୟ ୪-୫ ଘଣ୍ଟା ସମୟ ଆବଶ୍ୟକ ହେବ । ଏହି ସମୟର ବଣ୍ଟନ ନିମ୍ନରେ ପ୍ରଦତ୍ତ ହୋଇଅଛି ।

| ପ୍ରଥମ ଭାଗ | ସମୟ (ଆନୁମାନିକ) |
|---|---|
| ପ୍ରଶିକ୍ଷଣଦାତାଙ୍କ ପରାମର୍ଶ ଅନୁସରଣରେ ସମ୍ପୂର୍ଣ୍ଣ ବୃକ୍ଷର ଚିତ୍ର ଅଙ୍କନ | ୧ ଘଣ୍ଟା |
| ଏହା ପରେ, ବୃକ୍ଷର ପ୍ରତ୍ୟେକ ଭାଗ ସହିତ ନିଜ ଜୀବନରେ ସାମଞ୍ଜସ୍ୟ ଥିବା ବିଷୟ ସମ୍ପର୍କରେ ଉଲ୍ଲେଖ କରିବା । ପ୍ରତ୍ୟେକ ବ୍ୟକ୍ତି ଆଙ୍କିଥିବା ବୃକ୍ଷ (ଚେର ଠାରୁ ଆରମ୍ଭ କରି ସମ୍ପୂର୍ଣ୍ଣ ବୃକ୍ଷ) ରେ କଣ ଦର୍ଶାଯାଇଛି ସେ ସମ୍ପର୍କରେ ଉପସ୍ଥାପନ କରିବେ । | ୧ରୁ ୧.୩୦ ଘଣ୍ଟା (ବିରତି ସହିତ) |
| ଏହି କାର୍ଯ୍ୟକ୍ରମଟିକୁ କାହାଣୀ କହିବା ଶୈଳୀରେ ଉପସ୍ଥାପନ କରାଯିବ । ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ଗୋଟିଏ ବଡ ଦଳରେ ବା କିଛି ଛୋଟ ଦଳରେ ବିଭକ୍ତ କରି ଏହା କରାଯାଇପାରେ । | ୨ ଘଣ୍ଟା (ବିରତି ସହିତ) |

ଏହି କାର୍ଯ୍ୟକ୍ରମର ଶେଷ ଭାଗରେ ପରାମର୍ଶଦାତାଙ୍କୁ ଏହା ସ୍ଥିର କରିବାକୁ ହେବ ଯେ ଅଂଶଗ୍ରହଣକାରୀମାନେ ଗୋଟିଏ ଦଳରେ ବା କିଛି ଛୋଟ ଦଳରେ ଭାଗ ହୋଇ ନିଜ ଜୀବନ କାହାଣୀ ଉପସ୍ଥାପନ କରିବେ । ଯେ କୌଣସି ଶୈଳୀ ଅନୁସରଣ କରାଗଲା ମଧ୍ୟ ସବୁଠାରୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଉଛି ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଅନୁଭୂତି ପ୍ରକାଶ କରିବା ପାଇଁ ଯଥେଷ୍ଟ ସମୟ ଓ ପ୍ରୋତ୍ସାହନ ଦେବାକୁ ପଡିବ । ଫଳରେ ସେମାନେ ନିଜେ ଯେଉଁ ବିଷୟରେ ଚିତ୍ର ଆଙ୍କିଛନ୍ତି ତାହା କାହିଁକି ଆଙ୍କିଛନ୍ତି ଓ ଏଥି ସହିତ ସମ୍ପର୍କିତ ଘଟଣାକୁ ସହଜରେ ପ୍ରକାଶ କରିପାରିବେ । କର୍ମଶାଳାର ଏହି ଭାଗଟି ଯେତିକି ପ୍ରଭାବଶାଳୀ, ଭାବନାତ୍ମକ ଦୃଷ୍ଟିକୋଣରୁ ସମାନ ଭାବେ ସମ୍ବେଦନଶୀଳ ଅଟେ । ଏହି ସମୟରେ ଅନେକ ଅଂଶଗ୍ରହଣକାରୀ କିଛି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ବର୍ଣ୍ଣନା କରିପାରନ୍ତି ତେଣୁ କାର୍ଯ୍ୟକ୍ରମ ପରିଚାଳନା ସମୟରେ ଯେମିତି ଏକ ସହାୟକ ପରିବେଶ ବଜାୟ ରହିବ ସେଥିପ୍ରତି ପରାମର୍ଶଦାତା ସର୍ବଦା ଯତ୍ନବାନ ରହିବା ଜରୁରୀ ।

### ସମସ୍ତଙ୍କୁ ଗୋଟିଏ ଦଳରେ ନେଇ କାର୍ଯ୍ୟକ୍ରମ ପରିଚାଳନା କରାଇବା

ବ୍ୟକ୍ତି ଓ ବୟସ୍କ ପିଲାମାନେ ଥିବା ଦଳରେ ସମସ୍ତ ସଦସ୍ୟଙ୍କ ସହିତ ଭାବ ବିନିମୟ କରିବା ନିମନ୍ତେ ସୁଯୋଗ ଦେବା ଅତ୍ୟନ୍ତ ପ୍ରଭାବଶାଳୀ ପ୍ରକ୍ରିୟା ଅଟେ । କିନ୍ତୁ ଏହା ମଧ୍ୟ ଶଙ୍କାପୂର୍ଣ୍ଣ ହୋଇପାରେ । ଜୀବନର ଅନୁଭୂତି ପରିପ୍ରକାଶ ଏକ ଭାବନାତ୍ମକ ପ୍ରସଙ୍ଗ ହୋଇଥିବାରୁ ଅଂଶଗ୍ରହଣକାରୀମାନଙ୍କୁ ଏଥିପାଇଁ ଅଧିକ ସମୟ ଆବଶ୍ୟକ ହେବ । ଉଦାହରଣ ସ୍ୱରୂପ ଯଦି ଗୋଟିଏ ଦଳରେ ୧୫ ଜଣ ଅଂଶଗ୍ରହଣକାରୀ ୧୦ ମିନିଟ୍ ଲେଖାଏଁ ସମୟ ଆବଶ୍ୟକ କରନ୍ତି ତେବେ ବିରତିକୁ ବାଦଦେଲେ ମୋଟ ୨ ଘଣ୍ଟା ୩୦ ମିନିଟ ସମୟ ଆବଶ୍ୟକ ହେବ ।

### ଛୋଟ ଛୋଟ ଦଳରେ ବିଭକ୍ତ କରି କାର୍ଯ୍ୟକ୍ରମ ପରିଚାଳନା କରିବା

ସାନ ପିଲାମାନଙ୍କ ସହିତ ବା ଉଚ୍ଚ ସ୍ୱର ବା ଅଧିକ ଲୋକଙ୍କ ସହିତ କଥା ହେବାରେ ଅସହଜ ଅନୁଭବ କରୁଥିବା ଅଂଶଗ୍ରହଣକାରୀମାନଙ୍କୁ ଛୋଟ ଛୋଟ ଦଳରେ ଭାଗ କରାଯାଇ ଏହି ଅଧିବେଶନର ପରିଚାଳନା କରଯାଇ ପାରିବ । ଉଭୟ ପୁରୁଷ ଓ ମହିଳା ଅଂଶଗ୍ରହଣକାରୀ ଥିବା ଦଳରେ ମଧ୍ୟ ଏହି ଶୈଳୀରେ କାର୍ଯ୍ୟକ୍ରମ ପରିଚାଳନା କରାଯାପାରିବ । ତେବେ ଏଭଳି କ୍ଷେତ୍ରରେ ପରାମର୍ଶଦାତା ଗୋଟିଏ ଦଳରୁ ଆଉ ଗୋଟିଏ ଦଳ ନିକଟକୁ ଯାଇ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଆବଶ୍ୟକୀୟ ସହଯୋଗ ଓ ପ୍ରୋତ୍ସାହନ ଯୋଗାଇବା ଆବଶ୍ୟକ ।

ଏହା ମନେରଖିବା ଆବଶ୍ୟକ ଯେ, ଯଦିଓ ଅଂଶଗ୍ରହଣକାରୀଙ୍କ ଜୀବନରେ ଆସିଥିବା ବାଧା ବିଘ୍ନଗୁଡ଼ିକୁ ଗୁରୁତ୍ୱଦେବା ଏହି କାର୍ଯ୍ୟକ୍ରମର ଅଂଶବିଶେଷ ନ ହୋଇଥିଲେ ମଧ୍ୟ ଏହି ସବୁ ସମସ୍ୟାଗୁଡ଼ିକୁ ସମାଧାନ କରିବା କ୍ଷେତ୍ରରେ ସେମାନେ ଯେଉଁ ଶକ୍ତି ଓ ସାମର୍ଥ୍ୟର ପ୍ରଦର୍ଶନ କରିଛନ୍ତି ସେ ବିଷୟରେ ଆଲୋଚନା ହେବା ଜରୁରୀ । ଏଥିପାଇଁ ପରାମର୍ଶଦାତା ପ୍ରସ୍ତୁତି ରହିବା ଆବଶ୍ୟକ । ଏକଥା ମଧ୍ୟ ଜରୁରୀ ଯେ, ଗୋଟିଏ ସୁହାଇଲା ଭଳି ଓ ସୁରକ୍ଷିତ ପରିବେଶରେ ଯେଉଁଠାରେ ଜଣେ ପ୍ରକାଶ କରିଥିବା କଥାର ଗୋପନୀୟତା ବଜାୟ ରହିବ, ଏହା ଅନୁଭବ କରିବା ପରେ ହିଁ ଅଂଶଗ୍ରହଣକାରୀ ନିଜ ଜୀବନର ସମସ୍ୟାଗୁଡ଼ିକ ସମ୍ପର୍କରେ ବର୍ଣ୍ଣନା କରିବାକୁ ସହଜ ଅନୁଭବ କରିଥାନ୍ତି ।

ଏହି ଭାବ ବିନିମୟ ଶେଷରେ ସମସ୍ତ ଅଂଶଗ୍ରହଣକାୀ ଆଙ୍କିଥିବା ଜୀବନବୃକ୍ଷ କର୍ମଶାଳା ଗୃହର କାନ୍ଥରେ ଗୋଟିଏ ସ୍ଥାନରେ ଲଗାନ୍ତୁ ଯେଉଁଠି ସମସ୍ତେ ପରସ୍ପରର ଜୀବନ ବୃକ୍ଷକୁ ଦେଖିପାରିବେ ।

ଏହି କାର୍ଯ୍ୟ ପରିଚାଳନାର ସମସ୍ତ ପଦ୍ଧତି ଗୋଟିଏ ପରେ ଗୋଟିଏ ନିମ୍ନରେ ବର୍ଣ୍ଣନା କରାଯାଇଛି । ତେବେ ଏହି କାର୍ଯ୍ୟ ପରିଚାଳନାର ବିକଳ୍ପ ବ୍ୟବସ୍ଥା ମଧ୍ୟ ରହିଛି । ଯେଉଁଠି ଅଂଶଗ୍ରହଣକାରୀ ବୃକ୍ଷର ଯେଉଁ ଅଂଶଟିକୁ ଆଙ୍କିବେ ତୁରନ୍ତ ସେହି ଅଂଶ / ଭାଗ ବିଷୟରେ ବର୍ଣ୍ଣନା କରିବେ । ତେବେ ଏହା ଏକ ଅନୁକରଣୀୟ ପଦ୍ଧତି ନୁହେଁ କାରଣ ଜୀବନ ବୃକ୍ଷର ଜଣେ ବ୍ୟକ୍ତିଙ୍କର ଜୀବନରେ ଘଟୁଥିବା ସମସ୍ତ ଘଟଣାର ସମାହାର ଅଟେ ଯାହାକି ଗୋଟିଏ ଭାବନାତ୍ମକ ବିଷୟ ଏବଂ ଜଣେ ଦକ୍ଷ ପରାମର୍ଶଦାତାଙ୍କ ଦ୍ୱାରା ପଚରାଯାଉଥିବା ସୁଚିନ୍ତିତ ପ୍ରଶ୍ନ ଓ ଏହାର ଉତ୍ତର ପ୍ରତି ପରାମର୍ଶଦାତାଙ୍କର ସକରାତ୍ମକ ଗ୍ରହଣୀୟତା ହିଁ ଏହି ଘଟଣା ପରିପ୍ରକାଶର ଭାବକୁ ବଜାୟ ରଖିଥାଏ ।

# ଅଂଶଗ୍ରହଣକାରୀଙ୍କ ଦ୍ୱାରା ଜୀବନ ବୃକ୍ଷ ଚିତ୍ରଣ ଓ ଉପସ୍ଥାପନା

**ଜୀବନ ବୃକ୍ଷ କାର୍ଯ୍ୟକ୍ରମର** ପ୍ରାରମ୍ଭିକ ଦୁଇ ଭାଗର ଉଦ୍ଦେଶ୍ୟ ଥିଲା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ଜୀବନର ଗୋଟିଏ ନୂଆ କାହାଣୀ ସମ୍ପର୍କରେ ଜାଣିବା ଓ ଏହାକୁ ସ୍ୱୀକାର କରିବା (ପୂର୍ବରୁ ହୋଇଥିବା ବର୍ଣ୍ଣନା ଅନୁସାରେ ପ୍ରଥମ କାହାଣୀଟି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ହୋଇଥିବା ସମସ୍ୟା ସମ୍ପର୍କିତ ଥିଲା । ତେବେ ପ୍ରଥମ ଭାଗ ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ନୁହେଁ । ଦ୍ୱିତୀୟ କାହାଣୀଟିରେ ପ୍ରତ୍ୟେକ ଅଂଶଗ୍ରହଣକାରୀ କିଭଳି ଏହି ସମସ୍ୟାର ସମ୍ମୁଖୀନ ହେଲେ, କେଉଁ ଦକ୍ଷତା ବା କ୍ଷମତା ସେମାନଙ୍କୁ ଏହି ସମସ୍ୟାଗୁଡ଼ିକୁ ସାମ୍ନା କରିବାର ସାମର୍ଥ୍ୟ ଦେଲା ଏବଂ ତାଙ୍କର ସମସ୍ତ ଆଶା, ସ୍ୱପ୍ନ ଏଥିସହିତ ଜଡିତ ଅତୀତର କଥା ସମ୍ପର୍କରେ ବର୍ଣ୍ଣନା ଉପରେ ଗୁରୁତ୍ୱ ଦିଆଯାଇଛି । ଏଥିସହିତ ପ୍ରତ୍ୟେକ ଅଂଶଗ୍ରହଣକାରୀ ସେମାନଙ୍କର ବଂଶ, ପରିଚୟ ଏବଂ ପାରିବାରିକ ସମ୍ପର୍କ ବିଷୟରେ ବର୍ଣ୍ଣନା କରିବେ ।

ଦ୍ୱିତୀୟ କାହାଣୀରେ ଅଂଶଗ୍ରହଣକାରୀମାନେ ନିଜେ ନିଜର ଜୀବନ ବୃକ୍ଷ ଆଙ୍କିବା ସହିତ ଏହାକୁ ବର୍ଣ୍ଣନା କରିବେ । ତେଣୁ ପରାମର୍ଶଦାତାଙ୍କ ନିକଟରେ ସେମାନଙ୍କ ଜୀବନର ସକରାତ୍ମକ ଘଟଣା ସମ୍ପର୍କିତ ତଥ୍ୟ ହାସଲ ନିମନ୍ତେ ସୁଯୋଗ ମିଳିବ । ଏହି ସମୟରେ ପରାମର୍ଶଦାତା ବିଭିନ୍ନ ପ୍ରକାରର ପ୍ରଶ୍ନ ପଚାରିବା ସହିତ ଏହି ଆଲୋଚନାର ଗୁଣାତ୍ମକ ମାନ ବୃଦ୍ଧି ଦିଗରେ ଚେଷ୍ଟା କରିବା ଉଚିତ୍ ।

ଜୀବନ ବୃକ୍ଷ କର୍ମଶାଳାକୁ ପରିଚାଳନା କରିବା ପଦ୍ଧତି ଉଭୟ ବୟସ୍କ ଓ ପିଲାଙ୍କ ପାଇଁ ବୋଧଗମ୍ୟ ଅଟେ, ତେବେ ପିଲାମାନଙ୍କୁ ସେମାନଙ୍କ ଜୀବନର ଘଟଣା ମନେପକାଇବା ଓ ନିର୍ଦ୍ଦିଷ୍ଟ ସ୍ଥାନରେ ଏହାକୁ ଉଲ୍ଲେଖ କରିବା କାର୍ଯ୍ୟରେ ସହାୟତା ପାଇଁ ପରାମର୍ଶଦାତାଙ୍କୁ ଜଣ ଜଣ କରି ସବୁ ପିଲାକଙ୍କ ନିକଟକୁ ଯିବାକୁ ପଡିପାରେ ।



## ପ୍ରସ୍ତୁତି:

- ଗୋଟିଏ ଫ୍ଲିପ୍ ଚାର୍ଟରେ ଗଛର ମୁଖ୍ୟ ଭାଗ (ଯେଉଁଗୁଡିକ ବିଷୟରେ ପରାମର୍ଶଦାତା ଚିତ୍ର ଆଙ୍କିବା ସମୟରେ ଲେଖିବାକୁ କହିବେ) ଗୁଡିକ ବିଷୟରେ ଲେଖନ୍ତୁ । ଉଦାହରଣ ସ୍ୱରୂପ : ଚେର, ମୂଳ, ଗଣ୍ଡି, ଶାଖା-ପ୍ରଶାଖା, ପତ୍ର ଇତ୍ୟାଦି । ଏହି ଚାର୍ଟକୁ କର୍ମଶାଳାର ପ୍ରଥମ ଭାଗରେ ସମସ୍ତେ ଦେଖିପାରିଲା ଭଳି ସ୍ଥାନରେ ରଖନ୍ତୁ ।
- ଅଂଶଗ୍ରହଣକାରୀମାନେ ସେମାନଙ୍କ ଜୀବନ ବୃକ୍ଷ ଆଙ୍କୁଥିବା ସମୟରେ ପରାମର୍ଶଦାତା ଜଣକ ପରେ ଜଣେ ସମସ୍ତ ପ୍ରଶିକ୍ଷାର୍ଥୀଙ୍କ ନିକଟକୁ ଯାଇ ସେମାନଙ୍କୁ ପ୍ରୋତ୍ସାହିତ କରନ୍ତୁ ।
- ପଦ୍ଧତି (କ) କିମ୍ବା ପଦ୍ଧତି (ଖ) ଉପରେ ବର୍ଣ୍ଣିତ କେଉଁ ଶୈଳୀ ଅନୁସରଣ କରିବେ; ଗୋଟିଏ ବଡ ଦଳ କିମ୍ବା କିଛି ଛୋଟ ଛୋଟ ଦଳ ଗଠନ କରି ଅଧିବେଶନ ପରିଚାଳନା କରିବେ ତାହା ପୂର୍ବରୁ ସ୍ଥିର କରନ୍ତୁ ।
- ପ୍ରଥମ ଅଧିବେଶନ ଆରମ୍ଭ କରିବା ପୂର୍ବରୁ ଅଂଶଗ୍ରହଣକାରୀମାନଙ୍କ ନିମନ୍ତେ ସମସ୍ତ ଆବଶ୍ୟକୀୟ ସାମଗ୍ରୀ ଉପଲବ୍ଧ ଥିବା ସୁନିଶ୍ଚିତ କରନ୍ତୁ ।

## ବୃକ୍ଷର ଚିତ୍ର ଅଙ୍କନ

ଜୀବନ ବୃକ୍ଷ ଅଙ୍କନ କରିବା ପାଇଁ ଅଂଶଗ୍ରହଣକାରୀମାନେ ପରାମର୍ଶଦାତାଙ୍କ ନିର୍ଦ୍ଦେଶ ଅନୁସରଣ କରି ଚିତ୍ରଟିକୁ ସମ୍ପୂର୍ଣ୍ଣ କରିବେ ।

ଉଦାହରଣ ସ୍ୱରୂପ ଯେତେବେଳେ ପରାମର୍ଶଦାତା ବୃକ୍ଷର ଯେକୌଣସି ଗୋଟିଏ ଭାଗ ଯେମିତିକି ଚେର, ମୂଳ ଶାଖା ଇତ୍ୟାଦି ବିଷୟରେ ବର୍ଣ୍ଣନା କରିବେ ସେତେବେଳେ ଅଂଶଗ୍ରହଣକାରୀ ସେହି ଭାଗର ଚିତ୍ର ଅଙ୍କନ କରିବେ । ଏହି ଭାଗ ସହିତ ଜଡିତ ନିଜ ଜୀବନର କୌଣସି ଘଟଣାକୁ କିଛି ଚିତ୍ର ବା କିଛି ଚିହ୍ନ ମାଧ୍ୟମରେ ଉଲ୍ଲେଖ କରିବେ ଯାହା ସେମାନଙ୍କ ଚିତ୍ରକୁ ଅନ୍ୟମାନଙ୍କଠାରୁ ଭିନ୍ନ କରିବ । ଏହି କର୍ମଶାଳାରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସେ ଆଙ୍କିଥିବା ଚିତ୍ର ବିଷୟରେ କହିବା ପାଇଁ ଯଥେଷ୍ଟ ସମୟ ପ୍ରଦାନ କରାଯିବ ।

## ଅନୁଭୂତି ବ୍ୟକ୍ତ କରିବା ବା କହିବା

ଏହି ଅଧିବେଶନଟି ସମସ୍ତଙ୍କୁ ନେଇ ଗୋଟିଏ ଦଳରେ କରାଯିବ କିମ୍ବା ଛୋଟ ଛୋଟ ଦଳରେ କରାଯିବ ତାହା ପୂର୍ବରୁ ସ୍ଥିର କରନ୍ତୁ । ଅଂଶଗ୍ରହଣକାରୀମାନେ ନିଜ ଅନୁଭୂତି ବ୍ୟକ୍ତ କରୁଥିବା ସମୟରେ ପରାମର୍ଶଦାତା ନିମ୍ନୋକ୍ତ କାର୍ଯ୍ୟଗୁଡିକ କରିବେ;

- ଅଂଶଗ୍ରହଣୀକାରୀମାନଙ୍କୁ ପ୍ରୋତ୍ସାହନ ପ୍ରଦାନ କରିବା ନିମନ୍ତେ ଶବ୍ଦ ଚୟନ ସମୟରେ ଯତ୍ନବାନ ହେବେ (ଭାଗ- ୨ରେ ଅଂଶଗ୍ରହଣକାରୀମାନେ ପରସ୍ପରର ଜୀବନ ଅନୁଭୂତିକୁ ବର୍ଣ୍ଣନ କରୁଛନ୍ତି ଏବଂ କେଉଁ ବିଷୟ ସେମାନଙ୍କୁ ଜଟିଳ ପରିସ୍ଥିତିର ସମ୍ମୁଖୀନ ହେବାରେ ଦୃଢତା ପ୍ରଦାନ କରିଛି ସେ ସମ୍ପର୍କରେ ବର୍ଣ୍ଣନା କରିବେ)
- ଯେଉଁ ଶବ୍ଦଗୁଡିକୁ ଅଂଶଗ୍ରହଣକାରୀ ନିଜ ଅନୁଭୂତି କହିବା ସମୟରେ ପ୍ରକାଶ କରିଛନ୍ତି ଉଦାହରଣ ସ୍ୱରୂପ ତାଙ୍କୁ ପ୍ରୋତ୍ସାହିତ କରିବା, ତାଙ୍କର ସ୍ୱତନ୍ତ୍ର ଦକ୍ଷତା, କ୍ଷମତା ବା କୌଣସି ସ୍ୱତନ୍ତ୍ର ଉପହାର ଇତ୍ୟାଦି ।
- ଏହି ବିଶେଷଗୁଣ ଗୁଡିକ ଲେଖିବା ପାଇଁ ଅଂଶଗ୍ରହଣକାରୀ/ ଉପସ୍ଥାପନକାରୀଙ୍କୁ ପରାମର୍ଶଦାତା ଉତ୍ସାହିତ କରିବେ । ତତ୍‌ସହିତ ପରାମର୍ଶଦାତାଙ୍କର ଅଂଶଗ୍ରହଣକାରୀଙ୍କଠାରେ ଲକ୍ଷ୍ୟ କରିବା ସକରାତ୍ମକ ଗୁଣ / ମୂଲ୍ୟବୋଧ ଯଥା- ସାହସ, ଦୟା ମନୋଭାବ, ଇତ୍ୟାଦିକୁ ଲେଖିରଖିବାକୁ ମଧ୍ୟ ଉତ୍ସାହିତ କରିବେ ।

# ଜୀବନ ବୃକ୍ଷର ଚେର

**ବୃକ୍ଷର ପ୍ରତ୍ୟେକ ଅଂଶ** ହେଉଛି ଏକ ରୂପକ । ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନର ଗୋଟିଏ ଲେଖାଏଁ ଗୁରୁତ୍ୱପୂର୍ଣ୍ଣ ଦିଗ ବିଷୟରେ ବର୍ଣ୍ଣନା କରିବା ସମୟରେ ଏହାର ବ୍ୟବହାର କରାଯିବ ।

ଅଂଶଗ୍ରହଣକାରୀମାନଙ୍କୁ ପ୍ରଥମେ ସେମାନଙ୍କର ଜୀବନ ବୃକ୍ଷର ଚେର ଆଙ୍କିବାକୁ ନିମନ୍ତ୍ରଣ କରିବା ପୂର୍ବକ କାର୍ଯ୍ୟ ଆରମ୍ଭ କରନ୍ତୁ ।

- ସେମାନେ କେଉଁଠାରୁ ଆସିଛନ୍ତି (ଗାଁ, ସହର, ଦେଶ)
- ପାରିବାରିକ ଇତିହାସ (ପରିବାରର ଉତ୍ପତ୍ତି, ବଂଶ ପରମ୍ପରା, ପୂର୍ବ ପିଢି, ସେମାନଙ୍କ ବଂଶରେ ଅନ୍ୟ କେଉଁମାନେ ଅଛନ୍ତି ଇତ୍ୟାଦି)
- ଯେଉଁ ଲୋକମାନଙ୍କ ନିକଟରୁ ଜୀବନରେ ସବୁଠାରୁ ଅଧିକ ଶିଖିଛନ୍ତି ।
- ଅଂଶଗ୍ରହଣକାରୀମାନେ ନିଜ ଜୀବନରେ ଅତୀତର ସ୍ମୃତିଚାରଣ କରୁଥିବା ସମୟରେ ସେମାନଙ୍କୁ ତାଙ୍କ ନିଜ ଘରର କେଉଁ ସ୍ଥାନଟି ସବୁଠାରୁ ପ୍ରିୟ ଥିଲା କିମ୍ବା କୌଣସି ଅତିପ୍ରିୟ ଗୀତ କିମ୍ବା ନାଚ ବା ଏମିତି କୌଣସି ପର୍ବପର୍ବାଣୀ/ଉତ୍ସବ ଯାହା ତାଙ୍କୁ ଅତି ଆନନ୍ଦ ଦେଉଥିଲା ସେ ବିଷୟରେ ମନେ ପକାଇବାକୁ କୁହନ୍ତୁ ।



ଜୀବନ ବୃକ୍ଷ ଆଙ୍କୁଥିବା ପିଲାମାନେ ବୋଧହୁଏ ନିଜ ପାରିବାରିକ ଇତିହାସ / ବଂଶ ପରମ୍ପରା ବିଷୟରେ ବିଶେଷ କିଛି ଜାଣିନଥାଇ ପାରନ୍ତି । ପିଲାମାନଙ୍କ କ୍ଷେତ୍ରରେ ଏହା ଚଳନୀୟ । ସେମାନଙ୍କୁ ନିଜ ଘରକୁ ଯାଇ ନିଜ ପରିବାର ସଦସ୍ୟଙ୍କଠାରୁ ନିଜ ବଂଶ ପରମ୍ପରା ବା ଇତିହାସ ବିଷୟରେ ବୁଝିଆସିବାର ସୁଯୋଗ ଦିଆଯିବା ଉଚିତ୍ । ଯଦି ସେମାନେ ନିଜେ ଆଙ୍କିଥିବା ଜୀବନ ବୃକ୍ଷକୁ ଘରକୁ ନେଇ ଯିବାକୁ ଇଚ୍ଛା କରନ୍ତି ଓ ଘରେ ଚେର ସ୍ଥାନରେ ଏହି ସବୁ ତଥ୍ୟ ଲେଖିବା ପରେ ଚିତ୍ରଟିକୁ ଦେବାକୁ ଇଚ୍ଛା ପ୍ରକାଶ କରନ୍ତି ତେବେ ସେଥିପାଇଁ ପିଲାମାନଙ୍କୁ ଅନୁମତି ପ୍ରଦାନ କରାଯିବା ଉଚିତ୍ । ବିଶେଷ ଦ୍ରଷ୍ଟବ୍ୟ - ମନେରଖନ୍ତୁ ନିଜ ବ ଂଶ ପରମ୍ପରା ବିଷୟରେ ଉଲ୍ଲେଖ କରିବା ପାଇଁ ଯେମିତି ପିଲାମାନଙ୍କ ଉପରେ କୌଣସି ଚାପ ପ୍ରୟୋଗ ନହୁଏ ସେଥିପ୍ରତି ପରାମର୍ଶଦାତା ଯତ୍ନବାନ ରହିବା ଆବଶ୍ୟକ । ଉଦାହରଣ ସ୍ୱରୂପ- ଯେଉଁ ପିଲାମାନେ ପରିତ୍ୟକ୍ତ ଅବସ୍ଥାରେ ବା କୌଣସି ଅନାଥ ଆଶ୍ରମରେ ପ୍ରତିପାଳିତ ସେମାନଙ୍କ ପାଇଁ ତୃତୀୟ ଓ ଚତୁର୍ଥ ବିନ୍ଦୁ ଦିଆଯାଇଥିବା ପ୍ରଶ୍ନ ହିଁ ଯଥେଷ୍ଟ ।

# ଜୀବନ ବୃକ୍ଷର ମୂଳଭୂମି

## ବୃକ୍ଷ ଚାରିକଡେ ଥିବା ଭୂମି :

ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ବର୍ତ୍ତମାନ ଜୀବନ ଉପରେ ଗୁରୁତ୍ୱ ପ୍ରଦାନ କରିଥାଏ । ଶବ୍ଦ ବା ଚିତ୍ର ବ୍ୟବହାର କରି ସେମାନେ ନିଜ ଦୈନନ୍ଦିନ ଜୀବନରେ କରୁଥିବା କାର୍ଯ୍ୟ ସମ୍ପର୍କରେ କେଉଁ କାମ କରିବାକୁ ସମାନଙ୍କୁ ଭଲ ଲାଗେ ଏବଂ କେଉଁ କାମ ନିଜ ଅନିଚ୍ଛା ସତ୍ତ୍ୱେ ମଧ୍ଧ କରିବାକୁ ପଡିଥାଏ ଇତ୍ୟାଦି ସମ୍ପର୍କରେ ଉଲ୍ଲେଖ କରିପାରିବେ ।

ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ଯେ, ଜୀବନ ବୃକ୍ଷର ଚେର ଉପରେ ହିଁ ଭୂମିର ଚିତ୍ର ଆଙ୍କିବାକୁ କୁହନ୍ତୁ ଓ ସେଠାରେ ନିଜ ବର୍ତ୍ତମାନ ଜୀବନର ପ୍ରତିଛବି ତିଆରି କରନ୍ତୁ । ଏହି ସ୍ଥାନରେ କଣ ଚିତ୍ର କରିବେ ବା କଣ ଲେଖିବେ ସେ ସମ୍ପର୍କରେ ଆପଣ ପୂର୍ବରୁ ଦେଇଥିବା ପରାମର୍ଶ ବିଷୟରେ ସେମାନଙ୍କୁ ମନେପକାଇ ଦିଅନ୍ତୁ । ତେବେ, ସେମାନେ କେବଳ ସେହି ବିଷୟରେ ଲେଖି ପାରିବେ ବା ଚିତ୍ର କରି ପାରିବେ ଯାହା ବିଷୟରେ ସେମାନେ ଅନ୍ୟମାନଙ୍କୁ ଜଣାଇବା ଇଛା ପ୍ରକାଶ କରିବେ । ଅନ୍ୟ ବିଷୟଗୁଡିକ ବାଦ୍ ଦିଆଯାଇପାରେ

ଆପଣଙ୍କର ପରାମର୍ଶ ନିମ୍ନପ୍ରକାରେ ହୋଇପାରେ

- ଅଂଶଗ୍ରହଣକାରୀ ବର୍ତ୍ତମାନ କେଉଁମାନଙ୍କ ସହିତ ରହୁଛନ୍ତି
- ଅଂଶଗ୍ରହଣକାରୀଙ୍କର ଦୈନନ୍ଦିନ ଜୀବନର ନିୟମିତ କାମଗୁଡିକ କଣ ?
- ସାଧାରଣ ଘର କାମ ବା ଅନ୍ୟାନ୍ୟ କାର୍ଯ୍ୟ ବିଷୟରେ ବର୍ଣ୍ଣନା
- ଅଂଶଗ୍ରହଣକାରୀଙ୍କର ପ୍ରିୟ ଗୀତ କଣ ବା ନିଜ ଘରର କେଉଁ ସ୍ଥାନଟି ତାଙ୍କୁ ଅଧିକ ଭଲ ଲାଗେ



# ଜୀବନ ବୃକ୍ଷର ଗଣ୍ଡି

ଗଛର ଗଣ୍ଡି ଚିତ୍ର ଅଙ୍କନ କରିବା ସମୟରେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ଦକ୍ଷତା ବିଷୟରେ ବର୍ଣ୍ଣନା କରିବାକୁ ପ୍ରୋତ୍ସାହିତ କରାନ୍ତୁ ।

ଗଛର ଗଣ୍ଡି ବିଷୟରେ ବର୍ଣ୍ଣନା କରାଯିବା ସମୟ ହେଉଛି ଅଂଶଗ୍ରହଣକାରୀମାନଙ୍କ ପାଇଁ ନିଜର ଦକ୍ଷତା ବିଷୟରେ ବର୍ଣ୍ଣନା କରିବା ବା ପ୍ରକାଶ କରିବାର ସର୍ବଶ୍ରେଷ୍ଠ ସୁଯୋଗ । ଅଂଶଗ୍ରହଣକାରୀମାନେ କେଉଁ କାମ କରିବାରେ ଦକ୍ଷ ସେ ବିଷୟରେ ମଧ୍ୟ ପ୍ରକାଶ କରିପାରିବେ । ସାଧାରଣତଃ ଆମେ ନିମ୍ନରେ ଦିଆଯାଇଥିବା ବିଷୟଗୁଡ଼ିକୁ ଅନୁସରଣ କରି ନିଜର ଦକ୍ଷତା ଅନୁଶୀଳନ କରିଥାଉ ।

- ଏମିତି କିଛି ନିର୍ଦ୍ଦିଷ୍ଟ କାମ କରିବାର କ୍ଷମତା ଯାହା ସେମାନେ ସ୍କୁଲରେ ବା ଘରେ ଶିଖିଥାନ୍ତି ।
- ଅନ୍ତର୍ନିହିତ ପ୍ରତିଭା
- କୌଣସି ଗୋଟିଏ ବିଷୟର ଯେଉଥିରେ ପିଲାଟି ଭଲ ପ୍ରଦର୍ଶନ କରୁଥାଏ ।
- ପିଲାଟି କୌଣସି ନିର୍ଦ୍ଦିଷ୍ଟ ବିଷୟରେ ବେଶ ଭଲ କରୁଛି ବୋଲି ଅନ୍ୟମାନେ ଅନୁଭବ କରନ୍ତି ଓ ତା ନିକଟରେ ପ୍ରକାଶ କରିଥାନ୍ତି ।
- କିଛି ସ୍ୱତନ୍ତ୍ର ବିଚାରର ଦକ୍ଷତା ଯେମିତିକି ଅନ୍ୟମାନଙ୍କ ପ୍ରତି ଦୟାଶୀଳ ହେବା, ଅନ୍ୟମାନଙ୍କ ପ୍ରତି ଯତ୍ନବାନ ହେବା, (ଏଗୁଡ଼ିକ ଏମିତି ଘଟଣା ଯାହାକୁ କରିବା ପାଇଁ ବ୍ୟକ୍ତିଙ୍କୁ ବିଶେଷ ଭାବେ ଚିନ୍ତା କରିବାକୁ ପଡୁନଥିବ । ନିଜ ଦୈନନ୍ଦିନ ଜୀବନରେ ସ୍ୱତଃପ୍ରବୃତ୍ତ ଭାବେ ସେ ଏହି କାମ କରୁଥିବେ ।

### ପରାମର୍ଶ- ପିଲାମାନଙ୍କ ମଧ୍ୟରେ ଥିବା ଦକ୍ଷତାକୁ କିଭଳି ଚିହ୍ନଟ କରିବେ ?

- ଯେତେବେଳେ ଅଂଶଗ୍ରହଣକାରୀ ନିଜ ଦୈନନ୍ଦିନ ଜୀବନରେ କରୁଥିବା କାମ ବିଷୟରେ ବର୍ଣ୍ଣନା କରିବା ଆରମ୍ଭ କରିଥାନ୍ତି ସେହି ସମୟରୁ ତାଙ୍କ ଦକ୍ଷତା ଆକଳନ କରାଯାଇପାରେ ।
- ଅଂଶଗ୍ରହଣକାରୀ କୌଣସି ଜୀବନ ଦକ୍ଷତା କ୍ୟାମ୍ପରେ କିମ୍ବା କୌଣସି ସହଯୋଗୀ ଦଳରେ କିମ୍ବା ଅନ୍ୟ କୌଣସି ଏହିଭଳି କାର୍ଯ୍ୟକ୍ରମରେ ଯଦି ନିଜ ଦକ୍ଷତାର ପ୍ରଦର୍ଶନ କରିଥାନ୍ତି ।

- ଗଣ୍ଡିର ଚିତ୍ର ଆଙ୍କିଲା ବେଳେ ଏହିସବୁ ଦକ୍ଷତା ସମ୍ପର୍କିତ ସ୍ମୃତିଗୁଡ଼ିକ ମଧ୍ୟ ଆଲୋଚନାର ଭିତରକୁ ଆସିଥାଏ ଯାହାକି ଅଂଶଗ୍ରହଣକାରୀଙ୍କ ପାଇଁ ଅତି ମୂଲ୍ୟବାନ ଓ ଯାହାକୁ ସେ ଅତି ଯତ୍ନର ସହିତ ନିଜ ମନରେ ସାଇତି ରଖିଥାନ୍ତି ।
- ପରାମର୍ଶଦାତା ପିଲାମାନଙ୍କ ଦ୍ୱାରା ପ୍ରଦର୍ଶିତ ହେଉଥିବା ଭିନ୍ନ ଭିନ୍ନ ଦକ୍ଷତା ପ୍ରତି ସବୁବେଳେ ଯତ୍ନବାନ ରହିବା ଆବଶ୍ୟକ । ଏହା କୌଣସି ଗୋଟିଏ ନିର୍ଦ୍ଦିଷ୍ଟ କଳା କୌଶଳ ପ୍ରଦର୍ଶନ ହୋଇପାରେ ବା ଅନ୍ୟ ପ୍ରତି ଯତ୍ନବାନ ହେବା, ଦୟାଶୀଳତା ଇତ୍ୟାଦି ... । ଜୀବନ ବୃକ୍ଷ ଅଙ୍କନ ପଦ୍ଧତିରେ ପିଲାଟି ନିଜର ଏହି ଦକ୍ଷତା କିଭଳି ପ୍ରଦର୍ଶିତ କରିବ ସେଥିପ୍ରତି ପରାମର୍ଶଦାତା ଗୁରୁତ୍ୱ ଦେବା ଆବଶ୍ୟକ । ପରାମର୍ଶଦାତା ଏହି ସବୁ ଦକ୍ଷତାଗୁଡ଼ିକୁ ପିଲାଟି ଆଙ୍କିଥିବା ବୃକ୍ଷର ଗଣ୍ଡିରେ ଉଲ୍ଲେଖ କରିବାରେ ତାକୁ ସହାୟତା ପ୍ରଦାନ କରିବା ଉଚିତ୍ ।
- ପିଲାମାନେ ନିଜେ ଆଙ୍କିଥିବା ବୃକ୍ଷର ଚିତ୍ରକୁ ଦଳରେ ପ୍ରଦର୍ଶନ କରାଇବା ସମୟରେ ପରାମର୍ଶଦାତା ଏହି ଦକ୍ଷତା କିଭଳି ଆସିଲା ଏବଂ କାହାଠାରୁ ଶିଖିଲ, କେବେଠାରୁ ଶିଖିଛନ୍ତି ଏବଂ କୌଣସି ନିର୍ଦ୍ଦିଷ୍ଟ ବ୍ୟକ୍ତିଙ୍କଠାରୁ ଶିଖିଛନ୍ତି କି ଇତ୍ୟାଦି; ଏଭଳି ପ୍ରଶ୍ନ କରିବା ଦ୍ୱାରା ଜୀବନର ଦକ୍ଷତା ବିଷୟରେ ଆଲୋକପାତ ହୋଇଥାଏ ଏବଂ ଏହାକୁ ଆଙ୍କିଥିବା ଚିତ୍ରରେ ମଧ୍ୟ ଉଲ୍ଲେଖ କରାଯାଇପାରିବ ।
- ଦଳରେ ବା ସମସ୍ତ ଅଂଶଗ୍ରହଣକାରୀମାନଙ୍କ ଭିତରେ ଯାହା ନିକଟରେ ଯେଉଁ ସ୍ୱତନ୍ତ୍ର ଗୁଣ ରହିଛି ତାକୁ ଯାଇ ଜଣାଇବା ପାଇଁ ପରାମର୍ଶଦାତା ପିଲାମାନଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ । ଅନେକଙ୍କ ନିକଟରେ ଏଭଳି ଅନେକ ଗୁଣ ଥିଲେ ମଧ୍ୟ ସେମାନେ ବୃକ୍ଷରେ ଦର୍ଶାଇବାକୁ ଭୁଲି ଯାଇଥାନ୍ତି, ସେ କ୍ଷେତ୍ରରେ ପିଲାଙ୍କ ଜରିଆରେ ସେମାନଙ୍କୁ ସୂଚିତ କରାଯାଇପାରେ । ପିଲାମାନେ ଏହି ଅଧିବେଶନରେ ନିଜ ଅନୁଶୀଳନ ଜଣାଇବା ପାଇଁ ନିଜ ବନ୍ଧୁଙ୍କ ନିକଟକୁ ଯିବା ଓ ସେମାନଙ୍କର କାର୍ଯ୍ୟଶୈଳୀକୁ ଅନୁଶୀଳନ କରିବା ଉତ୍ସାହପ୍ରଦଅଟ ।

# ଜୀବନ ବୃକ୍ଷର ଡାଳ ସମୂହ

**ବୃକ୍ଷର ଶାଖା** ଅଙ୍କାବଙ୍କା କିମ୍ବା ସିଧା ହୋଇପାରେ, ମୋଟା ବା ପତଳା ହୋଇପାରେ, ବ୍ୟକ୍ତିଙ୍କ ଜୀବରେ ଏହା ସେମାନଙ୍କ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛା ରୂପକ ଭାବନାକୁ ବ୍ୟକ୍ତ କରିଥାନ୍ତି । ଏହି ସବୁ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛାଗୁଡିକୁ (ଚିତ୍ର କିମ୍ବା କୌଣସି ଚିହ୍ନ ଜରିଆରେ) ଲେଖାଯିବା ଆବଶ୍ୟକ । ଗୋଟିଏ ଲେଖାଏଁ ଇଚ୍ଛାର ପରିପ୍ରକାଶ ନିମନ୍ତେ ଗୋଟିଏ ଶାଖା ଆଙ୍କିବାକୁ ହେବ, ସେହିଭଳି ଯେତେ ଇଚ୍ଛା ସମ୍ପର୍କରେ ବର୍ଣ୍ଣନା କରିବେ ସେତିକିଟି ଶାଖାର ଚିତ୍ର ଆଙ୍କିବାକୁ ପଡିବ ।

ଯେତେବେଳେ ଅଂଶଗ୍ରହଣକାରୀମାନେ ନିଜ ଜୀବନ ବୃକ୍ଷରେ ଦର୍ଶାଇଥିବା ଶାଖା ସମ୍ପର୍କରେ ଅନ୍ୟମାନଙ୍କ ନିକଟରେ ପ୍ରକାଶ କରିବେ ସେତେବେଳେ ପରାମର୍ଶଦାତା ଏହାକୁ ସ୍ୱୀକାର କରିବା ସହିତ ତାଙ୍କୁ ପ୍ରୋତ୍ସାହିତ କରିବା ଆବଶ୍ୟକ ।

**ପରାମର୍ଶଦାତା କେତେକ ପ୍ରଶ୍ନ ପଚାରିପାରନ୍ତି ଯଥା-**

- ଏହି ସବୁ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛା ପଛରେ ଥିବା ଇତିହାସ ସମ୍ପର୍କରେ
- ଏହି ସବୁ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛା ଅଂଶଗ୍ରହଣକାରୀଙ୍କ ଜୀବନରେ ଥିବା ଆତ୍ମୀୟ ବା ପରିବାର ପରିଜନଙ୍କ ସହିତ କେଉଁଠି ନା କେଉଁଠି ଯୋଡି ହୋଇଛି କି କିମ୍ବା କୌଣସି ପାରିପାର୍ଶ୍ୱିକ ପରିସ୍ଥିତି ଯେମିତି ସୁଖ-ଶାନ୍ତି, ଜମି ଉପରେ ଅଧିକାର କିମ୍ବା ଜଳବାୟୁ ପରିବର୍ତ୍ତନ ସହିତ ସମ୍ପର୍କିତ କି ? ଅଂଶଗ୍ରହଣକାରୀ ଜୀବନର କଠିନ ସମୟରେ ମଧ୍ୟ କିଭଳି ଏହି ସବୁ ଆଶା ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛାକୁ ବଞ୍ଚାଇ ରଖିପାରଛନ୍ତି ? କଣ ସେଗୁଡିକୁ ବଞ୍ଚାଇ ରଖିଛି ? ଏହି ସବୁ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛା ତାଙ୍କୁ ନିରାଶ ନହେବାରୁ କେମିତି ଦୂରେଇ ରଖିଥାନ୍ତି ?

ପିଲାମାନଙ୍କ ସହିତ ସିଧାସଳଖ କାମ କରିବା ସମୟରେ ଗୋଟିଏ କଥା ଅନୁଭବ କରିହୁଏ ଯେ ଯେତେସବୁ ସମସ୍ୟା ଆସିଲେ ମଧ୍ୟ ପିଲାମାନଙ୍କ ନିକଟରେ ତଥାପି ଅନେକ ସ୍ୱପ୍ନ ଥାଏ । ସବୁ ବାଧା ସତ୍ତ୍ୱେ ସେମାନେ ନିଜ ସୁନ୍ଦର ଭବିଷ୍ୟତର ସ୍ୱପ୍ନ ଦେଖନ୍ତି । ଜୀବନ ବୃକ୍ଷ କାର୍ଯ୍ୟକ୍ରମ ସମୟରେ ପିଲାମାନେ ନିଜ ଭବିଷ୍ୟତକୁ ନେଇ ଦେଖୁଥିବା ଅନେକ ସୁନ୍ଦର ସ୍ୱପ୍ନ ବିଷୟରେ ଉଲ୍ଲେଖ କରାଯାଇଛି, ସେଗୁଡିକ ହେଉଛି

- ବଡ ହେଲେ ଡାକ୍ତର, ପାଇଲଟ, ଶିକ୍ଷକ, କୃଷକ ଇତ୍ୟାଦି ହେବାର ସ୍ୱପ୍ନ
- ବର୍ତ୍ତମାନ ଠାରୁ ଆହୁରି ଅଧିକ ସୁଖ-ଶାନ୍ତିମୟ ପରିବେଶରେ ବଞ୍ଚିବା
- ସେମାନେ ଯେଉଁ ଗାଁ ବା ଅଞ୍ଚଳରୁ ଆସିଛନ୍ତି ସେଠାକୁ ପୁଣି ଥରେ ଫେରିଯିବାର ଅନୁମତି ପାଇବା
- ପିତାମାତାଙ୍କ ସ୍ୱାସ୍ଥ୍ୟବସ୍ଥାରେ ଉନ୍ନତି ହେବା ବା ରୋଗ ଦୂର ହୋଇଯିବା ।
- ନିଜ ପରିବାରର ଚଳିବା ପାଇଁ ଯଥେଷ୍ଟ ଖାଦ୍ୟ ପାଇପାରିବା ।
- ଜୀବନରେ ହିଂସାକୁ ଦୂର କରିବା ପାଇଁ ଉପାୟ ପାଇଯିବା
- ସ୍କୁଲରେ ଭଲ ପାଠପଢି ଭଲ ଚାକିରୀ କରିବା
- ବାହା ହୋଇ ନିଜ ପିଲାମାନଙ୍କ ସହିତ ରହିବା
- ନିଜ ଜେଜେ ବାପା, ଜେଜେ ମା, ଅଜା ଓ ଆଈ ପିଲାବେଳେ ଯେଉଁମାନଙ୍କ ଠାରୁ ସ୍ନେହ ଆଦର ପାଇଛନ୍ତି ସେମାନଙ୍କର ଯତ୍ନ ନେବା ।

ଏହି ସବୁ ଆଶା-ଆକାଂକ୍ଷା, ସ୍ୱପ୍ନ ଓ ଇଚ୍ଛା ସହିତ ଜଡିତ ଅତୀତର ସ୍ମୃତିକୁ ଅନୁଶୀଳନ କଲେ ଏହା ନିଶ୍ଚିତ ଭାବେ ପରିବାର ବା ପ୍ରିୟଜନ ସହିତ ଯୋଡି ହୋଇଥିବାର ଜଣାପଡିବ । ପରାମର୍ଶଦାତା ସେ ସବୁ କାହାଣୀ କହିବେ ଯାହା ସେ ପିଲାମାନଙ୍କ ଠାରୁ ଶୁଣିଛନ୍ତି ହୁଏତ କୌଣସି ଅଂଶଗ୍ରହଣକାରୀ ବାପାଙ୍କର ମୃତ୍ୟୁ ହୋଇଯାଇଥିଲେ ମଧ୍ୟ ତାଙ୍କ ବାପାଙ୍କ ସ୍ୱପ୍ନ ଯେ, ସେ ସ୍କୁଲରେ ଭଲ ପାଠ ପଢି ଜୀବନରେ ଗୋଟିଏ ବଡ ମଣିଷ ହେବେ ଯାହାକୁ ସେ ମନେ ରଖିଥିବା ପ୍ରକାଶ କରିପାରନ୍ତି ଇତ୍ୟାଦି

# ଜୀବନ ବୃକ୍ଷର ପତ୍ର ସମୂହ

**ଜୀବନ ବୃକ୍ଷରେ ଥିବା ପତ୍ର** ଆମ ଜୀବନର ଗୁରୁତ୍ୱପୂର୍ଣ୍ଣ ଲୋକମାନଙ୍କ ସମ୍ପର୍କରେ ସୂଚାଇ ଥାଏ । ଏଠାରେ ସେମାନଙ୍କ ବିଷୟରେ ଉଲ୍ଲେଖ କରାଯିବ ଯେଉଁମାନଙ୍କର ଅଂଶଗ୍ରହଣକାରୀଙ୍କ ଜୀବନରେ ଗୁରୁତ୍ୱ ବହନ କରିଛନ୍ତି । ସେମାନଙ୍କୁ ଦୃଢତାର ସହିତ ଜୀବନରେ ଆସୁଥିବା ବାଧାବିଘ୍ନକୁ ସମ୍ମୁଖୀନ ହେବାର ପ୍ରେରଣା ଦେଇଛନ୍ତି । ଅଂଶଗ୍ରହଣକାରୀଙ୍କୁ ସେମାନଙ୍କ ଜୀବନରେ ଥିବା ଏହିସବୁ ବ୍ୟକ୍ତିଙ୍କ ନାମ ବା ତାଙ୍କ ସହିତ ଥିବା ସମ୍ପର୍କକୁ ଗଛର ପତ୍ର ନିକଟରେ ଲେଖିବାକୁ କୁହନ୍ତୁ । ଏହିଠାରେ ଅଂଶଗ୍ରହଣକାରୀ ଯେତେ ଲୋକଙ୍କ ବିଷୟରେ ଲେଖୁଛନ୍ତି ତାଙ୍କୁ ଲେଖିବାକୁ ଦିଅନ୍ତୁ ଏବଂ ତାଙ୍କ ଜୀବନରେ ଥିବା ଅଧିକାଂଶ ଲୋକଙ୍କ ବିଷୟରେ ଲେଖିବାକୁ ପ୍ରୋତ୍ସାହିତ କରନ୍ତୁ ଯେମିତି ମାତା, ପିତା, ସମ୍ପର୍କୀୟ, ଜେଜେ ବାପା, ଜେଜେମା, ଅଜା, ଆଈ, ସାଙ୍ଗସାଥୀ, ଶିକ୍ଷକ, ପାଳିତ ପଶୁ, ତାଙ୍କ ପାଇଁ ଆଦର୍ଶ ବ୍ୟକ୍ତି ବା କେହି ଧର୍ମଗୁରୁ ଇତ୍ୟାଦି ।

**ପରାମର୍ଶ :**

- ଯେଉଁମାନେ ଅଂଶଗ୍ରହଣକାରୀଙ୍କ ଜୀବନରେ ଆଉ ନାହାନ୍ତି (ମୃତ୍ୟୁବରଣ କରିଥିବା) ବ୍ୟକ୍ତିମାନଙ୍କ ସମ୍ପର୍କିତ ସ୍ମୃତି ବିଷୟରେ ଲେଖନ୍ତୁ

ମୃତ୍ୟୁବରଣ କରିଥିବା / ଆମକୁ ଛାଡି ଦୂରକୁ ପଳାଇଥିବା ବ୍ୟକ୍ତିଙ୍କ ନାମରେ ବୃକ୍ଷରେ ପତ୍ର ଲଗାଯିବା ସମ୍ପୂର୍ଣ୍ଣ ଭାବେ ଠିକ୍ ଏବଂ ଏହା ଉପରେ ଗୁରୁତ୍ୱ ଦିଅନ୍ତୁ

- ଏହା ବୁଝନ୍ତୁ ଯେ, ପରିବାରର କୌଣସି ସଦସ୍ୟ ମୃତ୍ୟୁବରଣ କଲେ ମଧ୍ୟ ଭାବନାତ୍ମକ ଭାବେ ଆମେ ତାଙ୍କ ସହିତ ଜଡିତ ଓ ସେ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ; ସେହିଭଳି କୌଣସି ମନୋମାଳିନ୍ୟ କାରଣରୁ ଆମକୁ ଛାଡି ଦୂରକୁ ପଳାଇଥିବା ବ୍ୟକ୍ତି ମଧ୍ୟ ଗୁରୁତ୍ୱପୂର୍ଣ୍ଣ ।

**ସୂଚନା-**

ପିଲାମାନଙ୍କ କ୍ଷେତ୍ରରେ ପତ୍ରର ରୂପକ ଗୁଡିକ ସମ୍ବେଦନଶୀଳ ହୋଇପାରେ । ଯେତେବେଳେ ପିଲାମାନେ ସେମାନଙ୍କ ଜୀବନ ବୃକ୍ଷରେ ଯେଉଁ ଲୋକମାନଙ୍କ ନାମରେ ପତ୍ର ଲଗାଇବେ ସେହି ଲୋକମାନେ କାହିଁକି ଗୁରୁତ୍ୱପୂର୍ଣ୍ଣ ବୋଲି ପରାମର୍ଶଦାତା ପ୍ରଶ୍ନ କରିପାରନ୍ତି । ଯଦି ପିଲାମାନେ କୌଣସି ମୃତ୍ୟୁବରଣ କରିସାରିଥିବା ବ୍ୟକ୍ତିଙ୍କ ପାଇଁ ପତ୍ର ଲଗାନ୍ତି ତେବେ ପରାମର୍ଶଦାତା ନିମ୍ନୋକ୍ତ ପ୍ରଶ୍ନ କରିପାରିବେ ।

- ତମେ କ'ଣ ଏହି ବ୍ୟକ୍ତିଙ୍କ ସହିତ ଖୁବ ସୁନ୍ଦର ସମୟ ବିତେଇଛ ?
- ଏହି ବ୍ୟକ୍ତି ତମ ପାଇଁ ଏତେ ଗୁରୁତ୍ୱପୂର୍ଣ୍ଣ କାହିଁକି ?
- ତମେ ତାଙ୍କୁ ଏଭଳି ମନେ ପକାଉଛ ବୋଲି ଜାଣିଲେ ସେ ଖୁସି ହୋଇପାରବେ କି ?

ଏହି ସବୁ ପ୍ରଶ୍ନ ପିଲାମାନଙ୍କୁ ସେହି ବ୍ୟକ୍ତିଙ୍କ ସହିତ ନିଜର ସମ୍ପର୍କ ଓ କାହିଁକି ସେ ତାଙ୍କୁ ମନେରଖିଛନ୍ତି ସେ ସମ୍ପର୍କରେ ନିଜ ଜୀବନ କାହାଣୀ କହିବାକୁ ପ୍ରୋତ୍ସାହିତ କରିବ । ଯାହା ଏହି ବ୍ୟକ୍ତିଙ୍କ ସହିତ ଥିବା ସମ୍ପର୍କ ପ୍ରତି ଏକ ପ୍ରକାର ସମ୍ମାନ ପ୍ରଦର୍ଶନ ସହିତ ସମାନ । ଏଥିସହିତ ପିଲାମାନେ ନିଜ ଜୀବନରେ ନଥିବା ଲୋକଙ୍କ ବିଷୟରେ କଣ ଭାବନ୍ତି ଓ ସେମାନଙ୍କ ସହିତ ନିଜ ସମ୍ପର୍କକୁ କିଭଳି ମନେ ରଖିଛନ୍ତି ତାହା ମଧ୍ୟ ଜଣାପଡିବ ।

# ଜୀବନ ବୃକ୍ଷର ଫଳ ସମୂହ

**ବୃକ୍ଷର ଫଳ** ହେଉଛି ଅଂଶଗ୍ରହଣକାରୀଙ୍କୁ ଜୀବନରେ ମିଳିଥିବା ଉପହାରର ସୂଚକ । ଏହା କେବଳ ବସ୍ତୁଭିତ୍ତିକ ଉପହାର ନୁହେଁ ବରଂ ବ୍ୟକ୍ତିଙ୍କୁ ଅନ୍ୟମାନଙ୍କ ଠାରୁ ମିଳିଥିବା ସହାନୁଭୂତି, ଯତ୍ନ, ସ୍ନେହ ବା ଭଲପାଇବା ହୋଇପାରେ । ଏହି ବିଷୟରେ ଲେଖିବା ସମୟରେ ଅଂଶଗ୍ରହଣକାରୀଙ୍କୁ ସେମାନେ ପତ୍ର, ଶାଖା, ଗଣ୍ଡି, ଭୂମି ଓ ଚେରରେ ଯେଉଁମାନଙ୍କ ବିଷୟରେ ଲେଖିଛନ୍ତି ତାହାକୁ ଦେଖିବାକୁ ପରାମର୍ଶ ଦିଅନ୍ତୁ, ଫଳରେ ନିଜ ଜୀବନରେ ଏହି ବ୍ୟକ୍ତିମାନଙ୍କର ପ୍ରଭାବ ସମ୍ପର୍କରେ ଅଂଶଗ୍ରହଣକାରୀ ସହଜରେ ମନେପକାଇ ପାରିବେ ।

ଉଦାହରଣ ସ୍ୱରୂପ ନିମ୍ନରେ ଦର୍ଶାଯାଇଥିବା ବିଷୟଗୁଡିକ ଅଂଶଗ୍ରହଣକାରୀ ଉଲ୍ଲେଖ କରିଥିବା ଉପହାରର ଅନ୍ତର୍ଭୁକ୍ତ ଅଟେ ।

- ମୋ ମା ବଞ୍ଚିଥିବା ସମୟରେ ତାଙ୍କ ଠାରୁ ମୋତେ ମିଳିଥିବା ସ୍ନେହ, ଆଦର, ଯତ୍ନ ଓ ସହଯୋଗ
- ମୋତେ ସ୍କୁଲରେ ପାଠ ପଢାଇବା ପାଇଁ ମୋ ଦାଦା/ ମଉସା/ ମାମୁଁ କରିଥିବା କଠିନ ପରିଶ୍ରମ
- ମୋତେ ମୋ ପରିବାର ଦେଇଥିବା ଖାଦ୍ୟ, ବସ୍ତ୍ର ଓ ବାସଗୃହ
- ମୋ ସ୍ୱାମୀଙ୍କ ଠାରୁ ମିଳୁଥିବା ସମ୍ମାନ
- ମୋ ଭଉଣୀ ଠାରୁ ମିଳୁଥିବା ସହଯୋଗ
- ଧର୍ମଗୁରୁଙ୍କର ଆଧ୍ୟାତ୍ମିକ ମାର୍ଗଦର୍ଶନ
- ଭୂକମ୍ପ ପରେ ମୋ ବଡଭାଇଙ୍କଠାରୁ ମିଳିଥିବା ସୁରକ୍ଷା

1 Some Tree of Life groups for adults (not children) have inserted the Gift Box exercise from REPSSIs Journey of Life training here, or else referenced it for those who have done this in the past. Facilitators who are not familiar with this activity are advised to review it at www.repssi.org

ଯେତେବେଳେ ଅଂଶଗ୍ରହଣକାରୀମାନେ ସେମାନଙ୍କର ଉପହାର ବିଷୟରେ ପ୍ରକାଶ କରିବେ ସେତେବେଳେ ପରାମର୍ଶଦାତା ନିମ୍ନୋକ୍ତ ପ୍ରଶ୍ନ ପଚାରି ପାରନ୍ତି ।

- ଆପଣଙ୍କୁ ସେ ଏହି ଉପହାର କାହିଁକି ଦେଲେ ବୋଲି ଭାବୁଛନ୍ତି ?
- ସେହି ବ୍ୟକ୍ତ ଆପଣଙ୍କର କେଉଁ ଗୁଣକୁ ସବୁଠାରୁ ଅଧିକ ପ୍ରଶଂସା କରୁଥିଲେ ଯେଉଥିପାଇ ସେ ଆପଣଙ୍କୁ ଏହି ଉପହାର ପ୍ରଦାନ କଲେ ?
- ସେହି ବ୍ୟକ୍ତିଙ୍କ ଜୀବନରେ ଆପଣ କ'ଣ ଯୋଗଦାନ କରିପାରିଥାନ୍ତେ ?

### ପରାମର୍ଶ - ସକରାତ୍ମକ ସ୍ମୃତିଚାରଣକୁ ଉତ୍ସାହିତ କରନ୍ତୁ ।

ଯଦି ଅଂଶଗ୍ରହଣକାରୀଙ୍କୁ କୌଣସି ଉପହାର ବିଷୟରେ ଉଲ୍ଲେଖ କରିବାରେ ସମସ୍ୟା ହେଉଥାଏ ତେବେ ପରାମର୍ଶଦାତା ତାଙ୍କ ସହିତ ଆଲୋଚନାପୂର୍ବକ ସେମାନଙ୍କର ଜୀବନର ଘଟିଥିବା ଅତୀତର ଘଟଣା ସମ୍ପର୍କରେ ବିଭିନ୍ନ ପ୍ରଶ୍ନ ପଚାରିବା ସହିତ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଅତିକମରେ ସେମାନଙ୍କ ଜୀବନର ଅଳ୍ପ ହେଲେ ମଧ୍ୟ କିଛି ସକରାତ୍ମକ ବିଷୟ ଉଲ୍ଲେଖ କରିବା ଆବଶ୍ୟକ ।

# ଜୀବନ ବୃକ୍ଷର କଥନ

**ବୃକ୍ଷର ଚିତ୍ର ସମ୍ପୂର୍ଣ୍ଣ ଭାବେ ଆଙ୍କିବା ପରେ** ଅଂଶଗ୍ରହଣକାରୀ ପରସ୍ପରକୁ ନିଜେ ଆଙ୍କିଥିବା ଜୀବନ ବୃକ୍ଷ ସମ୍ପର୍କରେ ବର୍ଣ୍ଣନା କରିବେ । ଏହି ବର୍ଣ୍ଣନା ବୃକ୍ଷର ଚେର ଠାରୁ ଆରମ୍ଭ କରି ଗୋଟିଏ ପରେ ଗୋଟିଏ ଭାଗ ବିଷୟରେ ପ୍ରକାଶ କରିବେ । ଏହା ନିମ୍ନରେ ଦିଆଯାଇଥିବା ଶୈଳୀରେ ଗୋଟିଏ ବୃହତ୍ ଦଳରେ କିମ୍ବା କିଛି ଛୋଟ ଛୋଟ ଦଳରେ କାର୍ଯ୍ୟକାରୀ କରାଯାଇଥାଏ । ଏହି ସମୟରେ ପରାମର୍ଶଦାତା ଉପସ୍ଥିତ ରହି ଅଂଶଗ୍ରହଣକାରୀମାନଙ୍କୁ ଉତ୍ସାହିତମୂଳକ ଶବ୍ଦ ଉଚାରଣ କରିବା, ସହୃଦୟତା ସହିତ ପ୍ରଶ୍ନ ପଚାରିବା ଏବଂ ସକରାତ୍ମକ ମତାମତ ପ୍ରଦାନ କରିବା ବାଞ୍ଛନୀୟ ।

## ଭାଗ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ

ସମୟ (ଆନୁମାନିକ..)

### ଦ୍ୱିତୀୟ ଭାଗ : ଜଙ୍ଗଲ ନିର୍ମାଣ ଓ ପୁନଃକଥନ

୧ରୁ ୧.୩୦ ଘଣ୍ଟା

ଅଂଶଗ୍ରହଣକାରୀଙ୍କ ଦ୍ୱାରା ତିଆରି କରାଯାଇଥିବା ଗଛଗୁଡିକୁ ଗୋଟିଏ କାନ୍ଥରେ ଏକାଠି ରଖି ଗୋଟିଏ ବଡ ଜଙ୍ଗଲ ତିଆରି କରନ୍ତୁ । ପରାମର୍ଶଦାତାମାନେ ପ୍ରତ୍ୟେକ ବ୍ୟକ୍ତିକୁ ସେମାନଙ୍କ ବୃକ୍ଷ ସମ୍ପର୍କରେ ମତାମତ ପ୍ରଦାନ କରିବେ ।

### ତୃତୀୟ ଭାଗ : ଜୀବନରେ ଝଡ

୧ରୁ ୧.୩୦ ଘଣ୍ଟା (ବିରତି ସହିତ)

ଯଦିଓ ଏହି କର୍ମଶାଳାରେ ଜୀବନରେ ଥିବା ସକରାତ୍ମକ ବିଷୟଗୁଡିକ ସମ୍ପର୍କରେ ଗୁରୁତ୍ୱ ପ୍ରଦାନ କରାଯାଇଛି ତେବେ ଜୀବନରେ ଘଟିଥିବା ସମସ୍ୟା ବା ଜଟିଳତା ସ୍ୱତଃପ୍ରବୃତ୍ତ ଭାବେ ଆଲୋଚନା ପରିସରକୁ ଆସିଯାଏ ।

ତୃତୀୟ ଭାଗ ଅଂଶଗ୍ରହଣକାରୀଙ୍କୁ ସେମାନେ ନିଜ ଜୀବନରେ ଉଠିଥିବା ଝଡକୁ କିଭଳି ସମ୍ମୁଖୀନ ହେବେ ଓ ଏହାର ସମାଧାନ କରିପାରିବେ ସେ ସମ୍ପର୍କରେ ଚିତ୍ର କରିବାକୁ ଉତ୍ସାହିତ କରିଥାଏ ।

### ଚତୁର୍ଥ ଭାଗ : ଆମ ବୃକ୍ଷ / ଆମ ଜୀବନ

୧ ଘଣ୍ଟା

ସୁନ୍ଦର ଭବିଷ୍ୟତ ଗଠନର ସ୍ୱପ୍ନକୁ ଦେଖିବା ଅବସରରେ ଉତ୍ସବ ପାଳନ କରିବା



# ଜୀବନ ବୃକ୍ଷର ସମାହାରରେ ପ୍ରସ୍ତୁତ ହୋଇଥିବା ଜଙ୍ଗଲ

## ଦ୍ୱିତୀୟ ଭାଗ :

# ଜଙ୍ଗଲର ପ୍ରସ୍ତୁତିକରଣ

୧ ଘଣ୍ଟା- ୧ଘଣ୍ଟା ୩୦ମିନିଟ୍

**ଏହା ଅଂଶଗ୍ରହଣକାରୀମାନଙ୍କ ପାଇଁ ଏକ ମଜାଦାର କାର୍ଯ୍ୟ,** ଯାହା ପରସ୍ପରକୁ ସହଯୋଗ ଓ ପ୍ରେରଣା ଦେବାକୁ ପ୍ରୋତ୍ସାହିତ କରିଥାଏ । ନିଜ ଦଳର ସଦସ୍ୟଙ୍କ ଦ୍ୱାରା ପ୍ରଶଂସା ପାଇବା ଯୋଗୁ ପରସ୍ପର ସହିତ ମିଶି ଖୁସି ମନାଇବା, କୋଳାକୋଳି ହେବା, ସ୍ମିତ ହାସ୍ୟ ଓ ଗର୍ବିତ ହେବାର ଅନୁଭୂତି ଦେଇଥାଏ ।

## ପ୍ରୋତ୍ସାହନ ପ୍ରଦାନକାରୀ ଶବ୍ଦ

ଯେତେବେଳେ ଅଂଶଗ୍ରହଣକାରୀ ନିଜ ଜୀବନ ବୃକ୍ଷ ଚିତ୍ର ସମ୍ପୂର୍ଣ୍ଣ କରି ଏହାର ବର୍ଣ୍ଣନା କରିପାରିବେ ତାପରେ ସେମାନଙ୍କୁ ନିମ୍ନଲିଖିତ ବିଷୟ କରିବାପାଇଁ ଆମନ୍ତ୍ରଣ କରନ୍ତୁ ।

- ସବୁ ଜୀବନ ବୃକ୍ଷଗୁଡିକ କାନ୍ଥରେ ଟଙ୍ଗାଇବାକୁ ଅନୁରୋଧ କରନ୍ତୁ । ସମସ୍ତ ବୃକ୍ଷର ଚିତ୍ର ମିଶି ଗୋଟିଏ ସୁନ୍ଦର ଜଙ୍ଗଲ ସୃଷ୍ଟି ହେବ । ଜଙ୍ଗଲଟି ବର୍ତ୍ତମାନ ଅତ୍ୟନ୍ତ ଶାନ୍ତ ରହିଛି ଏବଂ ଏହି ଜଙ୍ଗଲର ପ୍ରତ୍ୟେକ ଗଛ ଗୁରୁତ୍ୱପୂର୍ଣ୍ଣ, ଗଛଗୁଡିକର ଉପସ୍ଥିତି ଜଙ୍ଗଲକୁ ଦୃଢ କରିଛି ଏବଂ ଜଙ୍ଗଲର ମୂଲ୍ୟ ବୃଦ୍ଧି କରିଛି ।
- ଥରେ ଗୋଟିଏ ସୁନ୍ଦର ଜଙ୍ଗଲ ତିଆରି ହୋଇଗଲା ପରେ ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ସେମାନେ ନିଜ ଦଳ ସମ୍ପର୍କରେ ବା ଦଳର ସଦସ୍ୟମାନେ ଜୀବନ ବୃକ୍ଷ ବିଷୟରେ ବର୍ଣ୍ଣନା କରିବା ସମୟରେ ତାଙ୍କର ଯେଉଁ ଭଲଗୁଣ ଗୁଡିକୁ ଲକ୍ଷ୍ୟ କରିଛନ୍ତି ସେ ସମ୍ପର୍କରେ ଏଠାରେ ଉଲ୍ଲେଖ କରିପାରିବେ । (ଯଦିଓ ସେ ଅନ୍ୟ ଅଂଶଗ୍ରହଣକାରୀମାନଙ୍କୁ ଚିହ୍ନି ନଥିଲେ ମଧ୍ୟ ତାଙ୍କ ସମ୍ପର୍କରେ ଯେଉଁ ସକରାତ୍ମକ ବିଷୟ ଅନୁଭବ କରୁଛନ୍ତି ପ୍ରଶଂସା ବା ପ୍ରୋତ୍ସାହନ କିମ୍ବା ପ୍ରେରଣା ବିଷୟରେ ଏଠାରେ ଉଲ୍ଲେଖ କରିପାରିବେ ।

### ପରାମର୍ଶ : ଭିନ୍ନ ଭିନ୍ନ ଶୈଳୀକୁ ସମ୍ମାନ ପ୍ରଦର୍ଶନ କରିବା

କେତେକ ପରମ୍ପରା ଓ ପରିପ୍ରେକ୍ଷୀରେ ଅଂଶଗ୍ରହଣକାରୀମାନେ ସେମାନଙ୍କର ବୃକ୍ଷରେ ଅନ୍ୟମାନେ କିଛି ଲେଖନ୍ତୁ ଏହାକୁ ସ୍ୱୀକାର / ଗ୍ରହଣ କରିନପାରନ୍ତି, ସେମାନଙ୍କର ଏଭଳି ଭାବନାକୁ ସମ୍ମାନ ଦେବା ଆବଶ୍ୟକ । ଏଭଳି କ୍ଷେତ୍ରରେ ସେମାନଙ୍କର ସହଯୋଗୀମାନେ ସେମାନଙ୍କ ବିଷୟରେ ଯେଉଁ ସକରାତ୍ମକ ସୂଚନା ଦେବେ ତାହାକୁ ସେ ଆଙ୍କିଥିବା ବୃକ୍ଷ ନିକଟରେ ଅଲଗା ଅଠା ଦିଆ କାଗଜରେ ଲେଖି ଲଗାଯାଇପାରେ କିମ୍ବା ସେମାନଙ୍କ ବିଷୟରେ ଦଳ ବା ଅନ୍ୟ ସହଯୋଗୀମାନେ କଣ ବିଚାର ରଖନ୍ତି ତାହା ଲେଖିବା ପରିବର୍ତ୍ତେ ସମସ୍ତଙ୍କ ନିକଟରେ ପ୍ରକାଶ କରିପାରିବେ ।

## ପୁନର୍ବାର କହିବା

ପରାମର୍ଶଦାତା ପୁନର୍ବାର ଏହା କହିବେ । ପରାମର୍ଶଦାତା (ମାନେ) ସମସ୍ତ ଅଂଶଗ୍ରହଣକାରୀମାନଙ୍କ ବିଷୟରେ ସକରାତ୍ମକ ମତାମତ ପ୍ରକାଶ କରିବେ । ଅର୍ଥାତ୍ ଜଙ୍ଗଲରେ ଥିବା ସମସ୍ତ ବୃକ୍ଷ ସମ୍ପର୍କରେ ପ୍ରେରଣାଦାୟୀ ଓ ପ୍ରଶଂସାଯୋଗ୍ୟ ବିଷୟରେ ଆଲୋଚନା କରିବେ ।

- ପରାମର୍ଶଦାତା ଏଥିପାଇଁ ଭାବ ବିନିମୟ ଅଧିନରେ ଆଲୋଚନା ହୋଇଥିବା (ପ୍ରଥମ ଭାଗ ଦେଖନ୍ତୁ) ବିଷୟକୁ ଅନୁସରଣ କରନ୍ତୁ ଏବଂ ଅଂଶଗ୍ରହଣକାରୀ ନିଜର ଆଶା, ଆକାଂକ୍ଷା, ଦକ୍ଷତା ଇତ୍ୟାଦି ସମ୍ପର୍କରେ କହିବା ସମୟରେ ବ୍ୟବହାର କରିଥିବା ଶବ୍ଦଟି ବା ଅଙ୍ଗଭଙ୍ଗୀକୁ ଆକ୍ଷରିକ ଭାବେ ଅନୁକରଣ କରିବାକୁ ଚେଷ୍ଟା କରନ୍ତୁ ।
- ପରାମର୍ଶଦାତା ଗଛଟିକୁ ଅନୁଶୀଳନ କରି ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କର ଚେର କେତେ ଦୃଢ ସେ ସମ୍ପର୍କରେ ମଧ୍ୟ କହିପାରିବେ । ଏଥିସହିତ ପ୍ରତ୍ୟେକ ବ୍ୟକ୍ତି ନିଜର ସ୍ୱପ୍ନ ବା ଆଶା-ଆକାଂକ୍ଷା ସମ୍ପର୍କରେ ଯାହା ବର୍ଣ୍ଣନା କରିଛନ୍ତି ସେ ବିଷୟରେ ମଧ୍ୟ ଉଲ୍ଲେଖ କରିପାରିବେ ।
- ଏକଥା ମଧ୍ୟ ପ୍ରକାଶ କରିବା ଜରୁରୀ ଯେ, ପ୍ରତ୍ୟେକ ଅଂଶଗ୍ରହଣକାରୀ ତାଙ୍କ ଜୀବନର କେଉଁ ବ୍ୟକ୍ତିଙ୍କ ସହିତ ଭାବନାତ୍ମକ ସ୍ତରରେ ଅଧିକ ଜଡିତ, କିଏ ଅତୀତରେ ସେମାନଙ୍କୁ ଅନେକ ଜିନିଷ ଶିଖାଇଛନ୍ତି ଏବଂ କିଏ ବର୍ତ୍ତମାନ ଜୀବନରେ ଭିନ୍ନ ଢଙ୍ଗରେ ଏହି ଭୂମିକା ନିର୍ବାହ କରୁଛନ୍ତି ।

- କେତେକ ବ୍ୟକ୍ତିଙ୍କ ବିଷୟରେ ସ୍ୱତନ୍ତ୍ର ଉଦାହରଣ ଦିଅନ୍ତୁ ଏମାନଙ୍କ ମଧ୍ୟରେ ପିତାମାତା, ସାଙ୍ଗସାଥୀ, ଧର୍ମଗୁରୁ, ଗୋଷ୍ଠୀରେ ଥିବା ପରାମର୍ଶଦାତା, ସମାଜ ସେବକ/ସେବିକା, ଜେଜେବାପା-ଜେଜେମା, ଅଜା-ଆଈ, ଭାଇ-ଭଉଣୀ ଏବଂ ଅନ୍ୟାନ୍ୟ ସମ୍ପର୍କୀୟଙ୍କୁ ସାମିଲ କରାଯାଇପାରେ ।
- ପୁନର୍ବାର କହିବା ସମୟରେ ଏକଥା ପ୍ରକାଶ କରାଯାଇପାରେ ଯେ, ମୃତ୍ୟୁ ଯୋଗୁ ହେଉ ଅବା କୌଣସି ପାରିବାରିକ ମନୋମାଳିନ୍ୟ କାରଣରୁ ହେଉ ଏହି ମୂଲ୍ୟବାନ ଲୋକମାନଙ୍କ ମଧ୍ୟରୁ କେହିକେହି ଅଂଶଗ୍ରହଣକାରୀଙ୍କ ଜୀବନରେ ଆଉ ନାହାନ୍ତି ସତ କିନ୍ତୁ ସେମାନେ କରିଥିବା ଅନେକ ସୁନ୍ଦର କାର୍ଯ୍ୟ ଯୋଗୁ ଆଜି ପର୍ଯ୍ୟନ୍ତ ଅଂଶଗ୍ରହଣକାରୀଙ୍କ ସ୍ମୃତିରେ ବଞ୍ଚିଛନ୍ତି ।
- ପୁନର୍ବାର ଏହି ଘଟଣାଗୁଡିକୁ କହିବା ବହୁତ କାରଣରୁ ଗୁରୁତ୍ୱପୂର୍ଣ୍ଣ । କାରଣ ଏହା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ସେ କହିଥିବା କଥା ପୁନର୍ବାର ଉପସ୍ଥାପିତ ହେବାର ଅନୁଭବ ସହିତ ଏହାର ଗ୍ରହଣୀୟତା ବୃଦ୍ଧି କରିଥାଏ । ଏହା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଗୋଟିଏ ବାର୍ତ୍ତା ଦିଏ ଯେ, ଆବଶ୍ୟକତା ସମୟରେ ସେ ନିଜ ଅତୀତକୁ ଅନୁସରଣ କରିପାରିବେ । ଏହି ପଦ୍ଧତିକୁ ତୁରନ୍ତ ସାରି ଦେବାର ପ୍ରୟାସ କରନ୍ତୁ ନାହିଁ । ପୁନର୍ବାର କହିବାର ପଦ୍ଧତିଟି ଦୁଇଟି ଭିନ୍ନ ଭିନ୍ନ ଦଳରେ ଗୋଟିଏ ସମୟରେ କରାଯାଇପାରେ । ତେବେ ଏହି ପଦ୍ଧତିଟିକୁ ସଠିକ୍ ଭାବ ପରିଚାଳନା କରିବା ପାଇଁ ଅଂଶଗ୍ରହଣକାରୀଙ୍କ ମାର୍ଗଦର୍ଶନ କରାଇବା ନିମନ୍ତେ ପ୍ରତ୍ୟେକ ଦଳ ନିକଟରେ ଜଣେ ପରାମର୍ଶଦାତା ଉପସ୍ଥିତ ରହିବା ଆବଶ୍ୟକ ।



# ଜୀବନରେ ଆସୁଥିବା ଝଡ଼

## ଭାଗ -୩

୧ ଘଣ୍ଟା- ୧ଘଣ୍ଟା ୩୦ମିନିଟ୍

**ଜୀବନରେ ଝଡ** ହେଉଛି ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଘଟୁଥିବା ସମସ୍ୟା ଓ ବାଧାବିଘ୍ନର ସୂଚକ, ଯାହାକି ଅନେକ ସୁନ୍ଦର ବୃକ୍ଷକୁ ମଧ୍ୟ ସମ୍ମୁଖୀନ ହେବାକୁ ପଡିଥାଏ । ଏହି ସୂଚକଟି ଅଂଶଗ୍ରହଣକାରୀ ବାଧାବିଘ୍ନକୁ କିଭଳି ସମ୍ମୁଖୀନ ହୋଇଥାନ୍ତି ତାହା ପ୍ରକାଶ କରିବାକୁ ସୁଯୋଗ ଦେଇଥାଏ ।

ଜୀବନରେ ଝଡ ସମ୍ପର୍କିତ ଧାରଣାକୁ ନିମ୍ନମତେ ଆଲୋଚନା କରନ୍ତୁ

- ସମସ୍ତ ଅଂଶଗ୍ରହଣକାରୀମାନଙ୍କୁ ବୃକ୍ଷଗୁଡିକର ସୁନ୍ଦରତା ଓ ଦୃଢତା ସମ୍ପର୍କରେ ଆଲୋକପାତ କରିବାକୁ କୁହନ୍ତୁ ଯଦିଓ ବେଳେବେଳେ ସୁନ୍ଦର ବୃକ୍ଷଗୁଡିକ ମଧ୍ୟ ଝଡଝଞ୍ଜାକୁ ସାମ୍ନା କରିଥାନ୍ତି ।
- ପରାମର୍ଶଦାତା କହିପାରନ୍ତି 'ଆମ ନିକଟରେ ଅନେକ ସୁନ୍ଦର ବୃକ୍ଷ ରହିଛି, ଯାହାର ଚେର ଅତି ଦୃଢ, ସୁନ୍ଦର ପତ୍ର ଓ ଫଳ ଅଛି' । ଆମେ ଦେଖୁଥିବା ଏହି ସୁନ୍ଦର ବୃକ୍ଷଗୁଡିକ ବିଷୟରେ ଆପଣମାନେ କଣ ଭାବୁଛନ୍ତି ?

ଆପଣ ଭାବୁଛନ୍ତି କି ଏଗୁଡିକ କେବେ ଝଡ-ଝଞ୍ଜାର ସମ୍ମୁଖୀନ ହୋଇନାହାନ୍ତି କି ? ବା ସମ୍ପୂର୍ଣ୍ଣ ଭାବରେ ବିପଦମୁକ୍ତ ଅଟନ୍ତି ? ଅଂଶଗ୍ରହଣକାରୀମାନେ ତୁରନ୍ତ ଏହାର ଉତ୍ତର ଦେଇଦେବେ ଏବଂ ବୃକ୍ଷଗୁଡିକ ପ୍ରତି ନିର୍ଦ୍ଦୟ ହେଉଥିବା ଅନେକ ବିଷୟରେ ଉଦାହରଣ ଦେଇପାରିବେ ଯେମିତିକି :

- ବୃକ୍ଷଗୁଡିକୁ କାଟି ପକାଇବା
- ବୃକ୍ଷଗୁଡିକ ଉପରେ ପରିସ୍ରା କରିବା
- ବୃକ୍ଷଗୁଡିକୁ ଗୋଇଠା ମାରିବା
- ବନ୍ୟା
- ଯୁଦ୍ଧ
- ବନ୍ୟ ପଶୁମାନଙ୍କ ଦ୍ୱାରା ବୃକ୍ଷ ନଷ୍ଟ ହେବା
- ବିଜୁଳି ମାରିବା ବା ନିଆଁ ଲାଗିଯିବା
- ବୃକ୍ଷର ବୟସ ବୃଦ୍ଧି ହୋଇ ନଷ୍ଟ ହେବା
- ଦୁର୍ଭିକ୍ଷ

ଜୀବନ ବୃକ୍ଷ କର୍ମଶାଳାକୁ ବିଭିନ୍ନ ପୃଷ୍ଠଭୂମିରେ ବ୍ୟବହାର କରିଥିବା ପରାମର୍ଶଦାତାଙ୍କ କହିବା ଅନୁସାରେ ବୃକ୍ଷ ସମ୍ମୁଖୀନ ହେଉଥିବା ସମସ୍ୟାଗୁଡିକ ସମ୍ପର୍କରେ ଆଲୋଚନା କରିବା ହେଉଛି ଅଂଶଗ୍ରହଣକାରୀଙ୍କ ଜୀବନରେ ଘଟିଥିବା ସମସ୍ୟାର ଗୁଡିକ ବିଷୟରେ କହିବାର ସଠିକ୍ ପୃଷ୍ଠଭୂମି ପ୍ରସ୍ତୁତ କରିବା ।

ବିଶେଷ ଭାବରେ ପିଲାମାନଙ୍କୁ ଏବଂ ବୟସ୍କ ବ୍ୟକ୍ତିମାନଙ୍କୁ ଏହି ଘଟଣାଗୁଡିକର ଉଦାହରଣ ଦେଖାଇ ପରାମର୍ଶଦାତା ସେମାନଙ୍କ ଜୀବନରେ ଘଟୁଥିବା ସମସ୍ୟା ସମ୍ପର୍କରେ ଅଧିକ ସୂଚନା ସଂଗ୍ରହ କରିପାରିବେ । ପରାମର୍ଶଦାତା ଏହି କହିପାରନ୍ତି ଯେ, ନିଜ ଜୀବନକୁ ଏହି ସୁନ୍ଦର ବୃକ୍ଷ ସହିତ ତୁଳନା କରି ଆପଣମାନେ କୁହନ୍ତୁ ଯେ, ଏହି ଜଙ୍ଗଲ ଓ ବୃକ୍ଷମାନଙ୍କ ଭଳି ପିଲାମାନେ ମଧ୍ୟ ସେମାନଙ୍କର ଜୀବନରେ ବିପଦ ବା ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି କି ?

ଏହି ପ୍ରଶ୍ନର ଉତ୍ତରରେ ଅଂଶଗ୍ରହଣକାରୀମାନେ ମିଳିତ ସ୍ୱରରେ ହଁ କହିବେ । ଏମିତିକି ପିଲାମାନଙ୍କ ସହିତ ଆଲୋଚନା ସମୟରେ ମଧ୍ୟ ଏକଥା ଲକ୍ଷ୍ୟ କରାଯାଇପାରେ ଯେ, ସେମାନେ ଏହି ପ୍ରଶ୍ନର ଉତ୍ତର ଦେବା ସମୟରେ ଦୁଃଖି ବା ବ୍ୟଥିତ ହେବାର ସୂଚନା ପାଇବେ ନାହିଁ । ସେମାନେ ମିଳିତ ଭାବେ ଏହିସବୁ ସମସ୍ୟା ବା ଅନ୍ୟାନ୍ୟ ବିଷୟରେ ପ୍ରକାଶ କରିବେ ।

**ପିଲାମାନଙ୍କ ଦ୍ୱାରା ପ୍ରକାଶ କରାଯାଇଥିବା କେତେକ ବିପଦ ବା ସମସ୍ୟା ଯାହା ସାଧାରଣତଃ ସେମାନଙ୍କ ସହିତ ଗୋଷ୍ଠୀରେ ଘଟିଥାଏ**

୧ ଜବରଦସ୍ତ ସ୍କୁଲରୁ ବାହାର କରି ଦିଆଯାଏ

୨ ଅତି କମ ବୟସରେ ବିପଦଶଙ୍କୁଳ କାମ କରିବାକୁ ବାଧ କରାଯାଏ

୩ ଜୋର ଜବରଦସ୍ତି ପିଲାମାନଙ୍କୁ ବାଲ୍ୟ ବିବାହ କରାଇ ଦିଆଯାଏ

୪ ଘରେ ବା ପଡିଶାରେ ପିଲାମାନଙ୍କ ପାଇଁ ହିଂସାତ୍ମକ ଆଚରଣ

୫. ଡରାଇବା ବା ହଇରାଣ କରିବା

୬ ମାନବ ଚାଲାଣର ଶୀକାର ହୋଇଥିବା ପିଲା ପ୍ରତି ହୀନମାନ୍ୟତା ପୋଷଣ କରିବା ।

ପରାମର୍ଶଦାତା ଗୁରୁତ୍ୱସହ ଉଲ୍ଲେଖ କରିବେ ଯେ ଏଥିପାଇଁ ଲଜ୍ଜ୍ୟା ବା କୁଣ୍ଠାବୋଧ କରିବାର ଆବଶ୍ୟକତା ନାହିଁ । ପିଲାମାନଙ୍କୁ ସମସ୍ୟାଗୁଡ଼ିକ କହିବା ସମୟରେ ନିମ୍ନଲିଖିତ ବିଷୟ ଉପରେ ଗୁରୁତ୍ୱ ଦେବା ଉଚିତ୍ ।

- ପିଲାମାନଙ୍କ ସହ କେବଳ ସମସ୍ୟା ବିଷୟରେ କଥା ହେବା ପରିବର୍ତ୍ତେ, ଏହା ମଧ୍ୟ ଜାଣିବା ଉଚିତ୍ ଯେ ଏହି ସମସ୍ୟାଗୁଡ଼ିକ ପିଲାମାନଙ୍କର ଜୀବନକୁ କିଭଳି ପ୍ରଭାବିତ କରିଅଛି ।
- ଏହି ସମସ୍ୟାଗୁଡ଼ିକ କିଭଳି ପିଲାମାନଙ୍କୁ ଦୁଃଖ ଦେଇଥାଏ, ଏକୁଟିଆ କରିଦେଇଥାଏ, ପାଠପଢ଼ାକୁ ଦୁର୍ବଳ କରେ କିମ୍ବା ଅଧାରୁ ପାଠ ଛାଡ଼ିବାକୁ ପଡ଼ିଥାଏ, ସେ ବିଷୟରେ ପ୍ରସ୍ତୁତ ହୋଇ ପିଲାମାନଙ୍କୁ ଉତଥାପନ କରିବା ପାଇଁ ସୁଯୋଗ ଦିଅନ୍ତୁ । ଏହା ମଧ୍ୟ ମନେରଖିବାକୁ ପଡ଼ିବ ଯେ, ଏହି ସମସ୍ୟାଗୁଡ଼ିକ ଓ ଜୀବନରେ ତାହାର ପ୍ରଭାବ ଯେତେ ଜଟିଳ ହୋଇଥିଲେ ମଧ୍ୟ, ଯେତେବେଳେ ପିଲାଟି ଅନୁଭବ କରେ ଯେ ସେ ଏକା ନୁହେଁ ଏବଂ ଅନ୍ୟ ଅଂଶଗ୍ରହଣକାରୀ କିମ୍ବା ପରାମର୍ଶଦାତା କୁହନ୍ତି ଯେ ଏଭଳି ସମସ୍ୟା ଅନ୍ୟମାନଙ୍କ ଜୀବନରେ ମଧ୍ୟ ଆସିଅଛି, ସେତେବେଳେ ପିଲାଟି ତା ସମସ୍ୟାକୁ କହିବାରେ କୁଣ୍ଠାବୋଧ କରିନଥାଏ ।
- ପିଲାମାନେ କିଭଳି ପରସ୍ପରକୁ ସାହାଯ୍ୟ କରିପାରିବେ ଏବଂ ଗୋଷ୍ଠୀ ସ୍ତରରେ କିଏ ମଧ୍ୟ ସେମାନଙ୍କୁ ସହଯୋଗ କରିପାରିବେ ସେ ବିଷୟରେ ଚିନ୍ତା କରିବାକୁ ପିଲାଙ୍କୁ ଉତ୍ସାହିତ କରନ୍ତୁ ।
- ଜୀବନରେ ଆସୁଥିବା ଝଡ ଓ ତାହାର ପ୍ରଭାବ ବିଷୟରେ ଅତି ବିସ୍ତୃତ ଓ ପ୍ରାଞ୍ଜଳ ବ୍ୟାଖ୍ୟା କରିବା ପରେ ପରାମର୍ଶଦାତା ପିଲାମାନଙ୍କୁ ପଚାରିବେ ଯେ, ସେମାନଙ୍କ ଜୀବନରେ ଆସୁଥିବା ଏହିଭଳି ଝଡ ପାଇଁ ପିଲାମାନେ କଣ ଦାୟୀ ଅଟନ୍ତି ନା ନାହିଁ । ପ୍ରାୟତଃ ପିଲାମାନେ ସେମାନଙ୍କ ଉତ୍ତରରେ ନାଁ ବୋଲି କହିଥାନ୍ତି ।
- ପୁନଶ୍ଚ ପରାମର୍ଶଦାତା ଗୁରୁତ୍ୱାରୋପ କରିବେ ଯେ ଏହି ପ୍ରକାରର ସମସ୍ୟା ପାଇଁ ପିଲାମାନେ ଦାୟୀ ନୁହନ୍ତି । ପରାମର୍ଶଦାତା ପଚାରି ପାରିବେ ଯେ ଝଡ ଆସିବା ଲାଗି ବୃକ୍ଷମାନଙ୍କୁ ଦାୟୀ କରିବା ଉଚିତ ହେବ କି ? ଉତ୍ତର ହେଉଛି ନା । ତେଣୁ ପରାମର୍ଶଦାତା କହିବେ ଯେ ଏହିଭଳି ସମସ୍ୟା ବା ଝଡ ପାଇଁ ବୃକ୍ଷକୁ କିମ୍ବା ପିଲାମାନଙ୍କୁ ଦାୟୀ କରାଯାଇପାରିବ ନାହିଁ । ଆବଶ୍ୟକ ସ୍ଥଳେ କହିବାକୁ ପଡ଼ିବ ଯେ ଶିଶୁ ଶ୍ରମିକ, ଶିଶୁ ନିର୍ଯ୍ୟାତନା, ବାଲ୍ୟ ବିବାହ, ଏବଂ ଯୌନ ବ୍ୟବସାୟ ପାଇଁ ଶିଶୁ ଚାଲାଣ ପାଇଁ କେବେ ବି ଏକ ଶିଶୁ ଦାୟୀ ନୁହେଁ ବରଂ ଏଥିପାଇଁ ଅନେକଗୁଡ଼ିଏ କାରଣ ରହିଥାଏ । ସେମାନେ ମଧ୍ୟ ଏକୁଟିଆ ନୁହଁନ୍ତି ବରଂ ଯେଉଁ ପିଲାମାନେ ଗଳିରେ ରହୁଛନ୍ତି, ନିଶାଦ୍ରବ୍ୟ ସେବନର ଶୀକାର ହେଉଛନ୍ତି କିମ୍ବା ଆତ୍ମହତ୍ୟା କରିବା ପାଇଁ ଭାବୁଛନ୍ତି ସେମାନଙ୍କୁ ସହଯୋଗ କରିବାକୁ ଅନେକ ଲୋକ ଅଛନ୍ତି । କର୍ମଶାଳା ଅନ୍ତେ କିଛି ଅଂଶଗ୍ରହଣକାରୀମାନଙ୍କୁ ସାହାଯ୍ୟ ଆବଶ୍ୟକ ପଡ଼ିପାରେ ଏବଂ ସେଥି ନିମନ୍ତେ ପ୍ରସ୍ତୁତ ହୋଇ ରହିବାକୁ ପଡ଼ିବ । ସହ-ପରାମର୍ଶଦାତା ଆଗରୁ ପ୍ରସ୍ତୁତ ହୋଇ ଗୋଷ୍ଠୀ ଭିତରେ ଥିବା ସମ୍ବଳ ଯଥା- ସ୍ଥାନୀୟ ପ୍ରଶାସନ, ସ୍ୱେଚ୍ଛାସେବୀ ସଂଗଠନ ଏବଂ/ କିମ୍ବା ଅଣ ପଞ୍ଜିକୃତ ସଂସ୍ଥା ପ୍ରଭୃତି ବିଷୟରେ ସୂଚନା ପ୍ରଦାନ କରିବେ । କେତେକ ଦେଶରେ ସରକାର ମଧ୍ୟ ନିଃଶୁଳ୍କ / ଦେୟମୁକ୍ତ ଚାଇଲଡ ଲାଇନ ଫୋନ ସେବା ଯୋଗାଇ ଦେଇଥାନ୍ତି । ଯଦ୍ୱାରା ପିଲାମାନେ ଫୋନ ମାଧ୍ୟମରେ ପରାମର୍ଶ, ସୂଚନା, ସହାୟତା ଏବଂ ଅନ୍ୟ ସ୍ଥାନରୁ ସେବା ପାଇପାରିବେ ।



# ଜଙ୍ଗଲରେ ଜୀବଜନ୍ତୁ

**ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ** ଯେ ଜଙ୍ଗଲରେ ରହୁଥିବା ଯେଉଁ ପଶୁମାନେ ଭୟଙ୍କର ନୁହନ୍ତି, ସେମାନଙ୍କ ବିଷୟରେ କିଛି ସମୟ ପାଇଁ ଭାବନ୍ତୁ । ସେମାନଙ୍କୁ କିଛି ଜୀବଜନ୍ତୁର ନାମ ପଚାରନ୍ତୁ ଯଥା- ମାଙ୍କଡ, ହରିଣ, ଠେକୁଆ ଇତ୍ୟାଦି ।

ତା ପରେ ପିଲାମାନଙ୍କୁ ପଚାରନ୍ତୁ ଯେତେବେଳେ ଜଙ୍ଗଲରେ ଝଡ ଆସେ ସେତେବେଳେ ଏହି ଜନ୍ତୁମାନେ କଣ କରନ୍ତି । ଏହି ପ୍ରଶ୍ନ ପଚାରିବା ଦ୍ଵାରା ପିଲାମାନେ କହିପାରିବେ ଯେ କିଭଳି ପଶୁମାନେ ବିଭିନ୍ନ ଉପାୟ ଅବଲମ୍ବନ କରି ଲୁଚନ୍ତି, ଦୌଡନ୍ତି ଏବଂ ନିରାପଦସ୍ଥାନରେ ସେମାନଙ୍କର ପିଲାମାନଙ୍କୁ ନେଇଯାଆନ୍ତି । ଏହି ରୂପକ ପିଲାମାନଙ୍କ ଜୀବନରେ ଯଦି ଝଡ ବା ବାଧାବିଘ୍ନ ଆସେ ତେବେ ତାହାକୁ କିଭଳି ମୁକାବିଲା କରିବେ ସେଥି ନିମନ୍ତେ ଉପାୟ ବତାଇଥାଏ ।

ଯେତେବେଳେ ପିଲାମାନେ ଝଡ ଆସିଲେ ପଶୁମାନେ କିପରି ମୁକାବିଲା କରନ୍ତି ତାହାକୁ ଯଥାର୍ଥ ଭାବରେ ଖୋଜି ବାହାର କରିପାରିବେ, ତାପରେ ପରାମର୍ଶଦାତା ଆଶ୍ଚର୍ଯ୍ୟ ପ୍ରକଟ ଶୈଳୀର ପଚାରିବେ ଯେ ଯଦି ପିଲାମାନଙ୍କ ଜୀବନରେ କିଛି ଝଡ ଆସେ ତେବେ ତାହାକୁ ପିଲାମାନେ କିଭଳି ଭାବରେ ମୁକାବିଲା କରନ୍ତି ? ସେମାନେ ବିଭିନ୍ନ ଉପାୟ ଅବଲମ୍ବନ କରନ୍ତି କି ? ଯଦି କରନ୍ତି ତେବେ ସେହି ଉପାୟଗୁଡିକ ଶୁଣିବାକୁ ମୁଁ ଆଗ୍ରହୀ ପ୍ରକାଶ କରୁଅଛି ।

ଜୀବନ ବୃକ୍ଷ ଉପକରଣ ସହିତ କାମ କରିଥିବା ଅନେକ ପରାମର୍ଶଦାତା ଉପଲବ୍ଧି କରିଛନ୍ତି ଯେ ଏଭଳି ପ୍ରଶ୍ନ ପଚାରିବା ଦ୍ଵାରା ଅଂଶଗ୍ରହଣକାରୀମାନଙ୍କୁ ନିଜର ଦକ୍ଷତା ଓ ଜ୍ଞାନକୁ ଆଗରେ ରଖି ଜୀବନରେ ଆସୁଥିବା ଝଡକୁ ମୁକାବିଲା କରିବା ନିମନ୍ତେ ସାହାସ ପ୍ରଦାନ କରିଥାଏ ଏବଂ ସେମାନେ ଅନୁଭବ କରନ୍ତି ଯେ ଏହିଭଳି ଝଡ଼ ପାଇଁ ସେମାନେ ନିରବଦ୍ରଷ୍ଟା ନୁହନ୍ତି ।

ଦକ୍ଷିଣ ଆଫ୍ରିକାର ସ୍ୱେଟୋ ନାମକ ସ୍ଥାନର ଜଣେ ପରାମର୍ଶଦାତା ତାଙ୍କର ପ୍ରଥମ ଜୀବନବୃକ୍ଷ କର୍ମଶାଳା ପିଲାମାନଙ୍କ ସହିତ ଅନୁଷ୍ଠିତ କରିବା ପରେ ଲେଖିଛନ୍ତି ।
ମୁଁ ଏବେବି ଅତି ସ୍ୱଷ୍ଟଭାବରେ ଦବାଉ କ୍ଲିନିକରେ ପିଲାମାନଙ୍କୁ ଉତ୍ତରକୁ ମନେପକାଏ । ମୁଁ ମନେ ରଖିଛି ଯେ ପିଲାମାନେ କିଭଳି ଭାବରେ ବିଭିନ୍ନ ପ୍ରକାର ଝଡକୁ ସାମ୍ନା କରିବା ପାଇଁ ସେମାନଙ୍କ ପାଖରେ ଥିବା ଦକ୍ଷତା ଓ ଜ୍ଞାନକୁ ଅତି ସାହାସ ଓ ଗର୍ବର ସହିତ କହିଥିଲେ । ସେହି ପିଲାମାନେ ମଧ୍ୟ କହିଲେ ଯେ ସେମାନେ ସେମାନଙ୍କର ଅସୁବିଧାକୁ ତାଙ୍କ ପ୍ରତି ଯତ୍ନବାନ ବୟସ୍କ ବ୍ୟକ୍ତି ଓ ସାଥିମାନଙ୍କ ସହିତ ଆଲୋଚନାକରି ସମାଧାନ କରିଥାନ୍ତି । ସେମାନେ ମଧ୍ୟ ଅନେକଗୁଡିଏ ସମସ୍ୟାକୁ ସମାଧାନ କରିବାରେ ଉପାୟ କହିଥିଲେ ଯଦ୍ୱାରା ଶିଶୁମାନେ ନିଜକୁ ସୁରକ୍ଷା ଦେଇପାରିବେ ।

- ତୁମେ ବିଶ୍ୱାସ କରୁଥିବା ଜଣେ ବ୍ୟକ୍ତିଙ୍କୁ ସହିତ କଥା ହୁଅ ।
- ତୁମର ପଡୋଶୀଙ୍କ ସହିତ କଥାହୁଅ ।
- ଦୌଡିକରି ବିପଦଠାରୁ ରକ୍ଷା ପାଅ ।
- ଅସୁବିଧାରୁ ମୁକୁଳିବାପାଇଁ ପ୍ରାର୍ଥନା କର
- ପୋଲିସକୁ ଜଣାଅ ।
- ତୁମର ସାଙ୍ଗଙ୍କ ସହିତ କଥା ହୁଅ ।

ଯଦି ପିଲାମାନେ ଏଭଳି ଉପାୟ କୁହନ୍ତି, ତେବେ ବୁଝାପଡିବ ଯେ ପିଲାମାନଙ୍କ ପାଖର ସ୍ୱତନ୍ତ୍ର ଜ୍ଞାନ ଓ କୌଶଳ ଅଛି ଯାହାକି ଭବିଷ୍ୟରେ ତାଙ୍କ ଜୀବନରେ ଅତି ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇବ ।

ନିମ୍ନଲିଖିତ ଉକ୍ତି ଉପରେ ପିଲାମାନଙ୍କୁ ଭାବିବାକୁ ଏବଂ ଆଲୋଚନା କରିବାକୁ ସାହାଯ୍ୟ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ।

- ତାଙ୍କ ଜୀବନରେ ସବୁବେଳେ ଏଭଳି ଝଡ ରୁହେ କି ?
- ଏଭଳି ସମୟ ଅଛି କି, ଯେତେବେଳେ ସେମାନଙ୍କ ଜୀବନ ଝଡମୁକ୍ତ ବି ରୁହେ ?
- ଝଡ ଚାଲିଗଲାପରେ ସେମାନେ କଣ କରନ୍ତି ? ସେମାନେ ଭବିଷ୍ୟତରେ କଣ କରିପାରିବେ ?
- ଗୁରୁତ୍ୱ ଦେଇ କୁହନ୍ତୁ ଯେ ଜୀବନର ଅନେକ ସମୟ ବି ଝଡମୁକ୍ତ ହୋଇଥାଏ, ଏବଂ ଝଡ କେବେ ବି ଜୀବନରେ ସର୍ବଦା ରୁହେ ନାହିଁ ।
- ବ୍ୟାଖ୍ୟା କରନ୍ତୁ ଯେ, ବର୍ତ୍ତମାନ ହେଉଛି ସବୁଠାରୁ ମୂଲ୍ୟବାନ ସମୟ ଯାହାକି ଆମକୁ ଅଧିକ ଶକ୍ତିଶାଳୀ କରୁଛି ଏବଂ ଏହାକୁ ମଧ୍ୟ ଉତ୍ସବ ଭାବରେ ଗ୍ରହଣ କରି ପାଳନ କରିବା ଉଚିତ୍ ।



# କର୍ମଶାଳାରୁ ଘରକୁ ନେବା ଶିକ୍ଷା

**ଜୀବନ ବୃକ୍ଷ** କର୍ମଶାଳାର ଉପସଂହାର କରିବାକୁ ଯାଇ ଅଂଶଗ୍ରହଣକାରୀମାନଙ୍କୁ ନିମ୍ନଲିଖିତ ପ୍ରଶ୍ନ ପଚାରନ୍ତୁ, ଜୀବନରେ ଆସୁଥିବା ଝଡ଼/ ବିପଦସମୟରେ ମଧ୍ୟ ଆମେ କିଭଳି ଭାବରେ ଆମ ସ୍ୱପ୍ନ ଓ ଆଶାକୁ ଉଜ୍ଜିବିତ କି ରଖିପାରିବା ?

ଏକ ଫ୍ଲିପଚର୍ଟ ପେପର କିମ୍ବା ବ୍ଲାକ ବୋର୍ଡରେ ପରାମର୍ଶଦାତା, ପିଲାମାନେ ଯେଉଁ ଉତ୍ତର ଦେବ ତାହାକୁ ଲେଖିବେ ।

## ପିଲାମାନଙ୍କୁ ସେମାନଙ୍କର ପରିବାର ଓ ଗୋଷ୍ଠୀ ସହିତ ଯୋଡିବାର କାର୍ଯ୍ୟକ୍ରମ

ଜୀବନ ବୃକ୍ଷ କର୍ମଶାଳାର ଏକ ପ୍ରମୁଖ ଉଦ୍ଦେଶ୍ୟ ହେଉଛି ଅଂଶଗ୍ରହଣକାରୀ ପିଲାମାନଙ୍କ ସହିତ ସେମାନଙ୍କର ପରିବାର ଓ ଗୋଷ୍ଠୀର ସମ୍ପର୍କକୁ ଅଧିକ ମଜବୁତ କରି ପ୍ରତିଷ୍ଠା କରିବା, ଏହା ପିଲାମାନଙ୍କର ବିକାଶ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ ଏବଂ ଏହାକୁ କର୍ମଶାଳା ମାଧ୍ୟମରେ ନିରନ୍ତର ଉଦ୍ୟମ କରି ସେମାନଙ୍କ ଜୀବନ ସହ ସମ୍ବନ୍ଧିତ ନିବିଡ ସମ୍ପର୍କୀୟ, ଯତ୍ନ ପ୍ରଦାନକାରୀଙ୍କ ବିଷୟରେ ଆଲୋଚନାକରିବା ଦ୍ୱାରା ପ୍ରତିଷ୍ଠିତ କରାଯାଇଥାଏ । ଏତଦ୍ୱାରା ପିଲାମାନେ ଏବଂ ସେମାନଙ୍କର ପରିବାର ମଧ୍ୟରେ ପରସ୍ପରପ୍ରତି ଅଧିକ ସହଯୋଗ ଓ ଯତ୍ନକୁ ବଢାଇବା, ଦୈନନ୍ଦିନ ଜୀବନର ମାନବୃଦ୍ଧି କରିବା ଏବଂ ପରିବାର ଓ ଗୋଷ୍ଠୀ ସହିତ ସକରାତ୍ମକ ଭାବର ଆଦାନପ୍ରଦାନ କରିବା ପାଇଁ ସୁଯୋଗ ସୃଷ୍ଟି କରିଥାଏ ।

## ପିତାମାତା ଯତ୍ନ ପ୍ରଦାନକାରୀ ଓ ବନ୍ଧୁ ପାଇଁ ପ୍ରଶଂସା ପତ୍ର ଓ ଧନ୍ୟବାଦ ଜ୍ଞାପନ

ପରାମର୍ଶଦାତା ପିଲାମାନଙ୍କୁ ସେମାନଙ୍କ ଜୀବନରେ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି ଯଥା- ପିତାମାତା, ଯତ୍ନପ୍ରଦାନକାରୀ, ଶିଶୁ କିମ୍ବା ସାଙ୍ଗକୁ ସେମାନଙ୍କ ସହଯୋଗ ପାଇଁ ଏକ ପ୍ରଶଂସାପତ୍ର ଲେଖିବାକୁ କିମ୍ବା ଚିତ୍ରଆଙ୍କି ଧନ୍ୟବାଦ ଜଣାଇବାକୁ ଉତ୍ସାହିତ କରିପାରିବେ । ଯଦି ପିଲାମାନେ ଚିଠିଟିଏ ଲେଖିବାକୁ ପସନ୍ଦ କରନ୍ତି ତେବେ ସେମାନେ ଜୀବନବୃକ୍ଷ କର୍ମଶାଳାରୁ, ସେମାନଙ୍କ ଅଭିଜ୍ଞତା ବିଷୟରେ ଜଣାଇପାରନ୍ତି । ସେମାନେ ମଧ୍ୟ ସେହି ବ୍ୟକ୍ତିମାନଙ୍କ ପାଖରୁ ପାଇଥିବା ଯତ୍ନ ଓ ସହଯୋଗ କଥା ଉଲ୍ଲେଖ କରି ସେମାନଙ୍କୁ ପ୍ରଶଂସା କରି ଲେଖି ପାରିବେ । ଯଦି ସେମାନେ ଚିତ୍ର ଆଙ୍କି ଜଣାଇବାକୁ ଚାହାନ୍ତି ତେବେ ତାହା ଏକ ଧନ୍ୟବାଦକାର୍ଡ ହେବ ଯେଉଁଥିରେ କି ବହୁତ ଲେଖା ରହିବ ନାହିଁ । ପିଲାମାନଙ୍କର ବୟସ କିମ୍ବା ସ୍ଥାନୀୟ ଚଳଣୀ ଓ ସଂସ୍କୃତି ଅନୁଯାୟୀ ଭିନ୍ନ ଭିନ୍ନ ଢଙ୍ଗରେ ଏହାକୁ କରାଯାଇପାରିବ ।



# ଆମରି ବୃକ୍ଷ / ଆମରି ଜୀବନ

## ଭାଗ ୪

# ପ୍ରମାଣପତ୍ର ପ୍ରଦାନ ଓ ଜୀବନବୃକ୍ଷର ସମବେତ ସଂଗୀତ ଗାୟନ

୧ ଘଣ୍ଟା

**ଜୀବନ ବୃକ୍ଷ କର୍ମଶାଳାର ଶେଷ ପର୍ବ** ଏକ ସମାରୋହରେ ପାଳନ କରାଯାଏ । ସ୍ଥାନୀୟ ଚଳଣୀ ଓ ପିଲାଙ୍କ ବୟସ ଅନୁସାରେ ଏହି ସମାରୋହ ଭିନ୍ନ ଭାବରେ ପାଳନ କରାଯାଇପାରେ । ଯାହା ବି ହେଉ ଏକ ଛୋଟ ପାଳନ ମାଧ୍ୟମରେ ଅଂଶଗ୍ରହଣକାରୀଙ୍କର ଜ୍ଞାନ, ଆଶା ଏବଂ ସ୍ୱପ୍ନ ଏବଂ ସେମାନଙ୍କ ଜୀବନରେ ଥିବା ସ୍ୱତନ୍ତ୍ର ବ୍ୟକ୍ତି ବା ଗୋଷ୍ଠୀଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଏହି ସମାରୋହର ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଅଟେ ।

ପ୍ରତ୍ୟେକ ଅଂଶଗ୍ରହଣକାରୀ କର୍ମଶାଳାରେ ସେମାନଙ୍କର ଅଂଶଗ୍ରହଣ ପାଇଁ ଏକ ପ୍ରମାଣ ପତ୍ର ପାଇବା ଉଚିତ୍ । ଛୋଟ ପିଲାମାନଙ୍କ କ୍ଷେତ୍ରରେ ପରାମର୍ଶଦାତା କର୍ମଶାଳାରୁ ସେମାନଙ୍କଠାରୁ ଯାହା ଶୁଣିଥିବେ ତଦନୁଯାୟୀ ସେମାନଙ୍କ ପ୍ରମାଣପତ୍ରରେ ଲେଖିବେ, ଗୋଷ୍ଠୀର ଅନ୍ୟ ସଦସ୍ୟମାନଙ୍କୁ ମଧ୍ୟ ଏହି ଉତ୍ସବକୁ ନିମନ୍ତ୍ରଣ କରାଯାଇପାରେ ଏବଂ ଏହି ଉତ୍ସବକୁ ଏକ ସମବେତ ସଂଗୀତ ଗାନପୂର୍ବକ ସମାପ୍ତି କରାଯାଇପାରିବ ।

## ଅନ୍ୟ ଦୁଇଟି ବିକଳ୍ପ ହେଉଛି

୧. ସମସ୍ତ ଅଂଶ ଗ୍ରହଣକାରୀଙ୍କୁ ଗୋଟିଏ ଲେଖାଏ (A4) ଆକାର କାଗଜ ଦେଇ ତାହାର ମଝିରେ ସେମାନଙ୍କର ନାମ ଲେଖିବାକୁ କୁହନ୍ତୁ । ତା'ପରେ ଜଣେ ଆଉ ଜଣକୁ ତା ପରପାର୍ଶ୍ୱ ପିଠିରେ ସେହି କାଗଜକୁ ଲଗାଇବା ପାଇଁ କୁହନ୍ତୁ । ସେହି ଗୃହରେ /କର୍ମଶାଳାର ପ୍ରତ୍ୟେକ ଅଂଶଗ୍ରହଣକାରୀ ଜଣଙ୍କ ଉପରେ ଗୋଟିଏ ଭଲ ଗୁଣ / କାର୍ଯ୍ୟ / ଦକ୍ଷତା/ ଇତ୍ୟାଦି ସେହି କାଗଜ ଉପରେ ଲେଖିବେ, କିନ୍ତୁ ଯାହାପାଇଁ ଲେଖଛନ୍ତି ତାହାକୁ କହିବେ ନାହିଁ । ମତେ ତୁମର ହସ ଭଲ ଲାଗେ, ମୁଁ ତୁମ ସହିତ ଖୁବ ଶୀଘ୍ର ପୁନଶ୍ଚ ଭେଟିବାକୁ ଆଶା କରୁଛି, ବା ତୁମେ ବହୁତ ଦୟାଳୁ ପ୍ରଭୃତି ମତାମତ ଉଦାହରଣ ଭାବରେ ନେଇ ଅଂଶଗ୍ରହଣକାରୀ କେବଳ ସକରାତ୍ମକ ହେବା ଉଚିତ୍ ଏବଂ ମତାମତ ଲେଖୁଥିବା ବ୍ୟକ୍ତି ନିଜର ଦସ୍ତଖତ କରିବାର ଆବଶ୍ୟକତା ନାହିଁ ଏବଂ ପରାମର୍ଶଦାତା ମଧ୍ୟ ମାର୍କର ପେନ୍ ବ୍ୟବହାର ନ କରିବାକୁ କହିବେ କାରଣ ତାଦ୍ୱାରା ଯାହାର ପିଠିରେ ଲେଖି ହେଉଛି । ତାର ବସ୍ତ୍ର ଖରାପ ହେବାର ସମ୍ଭାବନା ଥାଏ । ଏପରି ମଧ୍ୟ କରିହେବ ଯେ ଏକ କାର୍ଡବୋଡ କିମ୍ବା ଟିପାଖାତାକୁ କାଗଜ ପଛରେ ରଖି ମଧ୍ୟ ଲେଖାଯାଇପାରିବ । ସମସ୍ତେ ଲେଖି ସାରିବା ପରେ, ଅଂଶଗ୍ରହଣକାରୀ ଦେଖିବେ ଯେ ଅନ୍ୟମାନେ ତାଙ୍କ ବିଷୟରେ କ'ଣ ସବୁ ଲେଖିଛନ୍ତି ।



୨.	ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କୁ ଏକ ଅଲେଖା ପ୍ରମାଣ ପତ୍ର ପ୍ରଦାନକରାଯାଉ (ନିମ୍ନରେ ପ୍ରମାଣପତ୍ରର ନମୁନା ପ୍ରଦାନ କରାଯାଇଛି[2]) । ତାପରେ ସମସ୍ତଙ୍କୁ କୁହନ୍ତୁ ଯେ ଜଣେ ଅନ୍ୟ ଜଣର ଜୀବନ ବୃକ୍ଷରେ ଲେଖାଯାଇଥିବା ବିଷୟବସ୍ତୁ ବା କର୍ମଶାଳା ସମୟ (କଥନ ଏବଂ ପୁନଃକଥନ) ର ଯାହା ଶୁଣିଛନ୍ତି ତଦନୁଯାୟୀ ପ୍ରମାଣପତ୍ରରେ ଲେଖିବେ ।

ପ୍ରମାଣପତ୍ରରେ ନିମ୍ନୋକ୍ତ ତିନୋଟି ଗୁଣ, ଦକ୍ଷତା ବା ସମ୍ପର୍କକୁ ଗୁରୁତ୍ୱ ପ୍ରଦାନ କରାଯିବ

୧.	ସେମାନଙ୍କର କୌଶଳ ଓ ସାମର୍ଥ୍ୟ

୨.	ସୋମାନଙ୍କର ଭବିଷ୍ୟତ ପାଇଁ ଥିବା ସ୍ୱପ୍ନ ଓ ଆଶା

୩.	ସେମାନଙ୍କ ଜୀବନରେ ଥିବା ଯେଉଁ ସ୍ୱତନ୍ତ୍ର ବ୍ୟକ୍ତମାନଙ୍କୁ ସେମାନେ ପ୍ରଶଂସା କରିବାକୁ ଚାହାନ୍ତି ।

## ଜୀବନ ବୃକ୍ଷ କର୍ମଶାଳା ପ୍ରମାଣପତ୍ର



ଶ୍ରୀ/କୁମାରୀ............................................ଙ୍କୁ ତାଙ୍କର ଜୀବନ

କୌଶଳ ଓ ସାମର୍ଥ୍ୟକ ନିଜ ଜୀବନରେ ଓ ଅନ୍ୟମାନଙ୍କ ନିମନ୍ତେ ବ୍ୟବହାର କରିବାର ଦକ୍ଷତା ଏବଂ ତାଙ୍କ ନିଜ ଭବିଷ୍ୟତ ପାଇଁ ରଖିଥିବା ସ୍ୱପ୍ନ ଓ ଆଶାକୁ ଲକ୍ଷ୍ୟକରି ଏହି ପ୍ରମାଣପତ୍ର ପ୍ରଦାନ କରାଗଲା

ତାଙ୍କର ଜୀବନକୌଶଳ ଓ ସାମର୍ଥ୍ୟ ..........................................................

ଏବଂ ତାଙ୍କର ସ୍ୱପ୍ନ ଓ ଆଶା ..................................................................

ସେ ମଧ୍ୟ ତାଙ୍କର ଜୀବନରେ ସହଯୋଗ କରିଥିବା ନିମ୍ନଲିଖିତ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ପ୍ରଶଂସା କରିବାକୁ ଚାହାନ୍ତି

ତାରିଖ ......................		ଦସ୍ତଖତ ..............................

2 Dulwich Publications: The International Journal of Narrative Therapy and Community Work 2006 No. 1 (The Tree of Life Project by Ncazelo Ncube-Mlilo)

# ଆମ ସୁନ୍ଦର ଜୀବନ ବୃକ୍ଷର ସଂରକ୍ଷଣ

କର୍ମଶାଳାର ପ୍ରକ୍ରିୟାକୁ ସମାପ୍ତ କରିବା ପୂର୍ବକ ପରାମର୍ଶଦାତା ଅଂଶଗ୍ରହଣକାରୀଙ୍କୁ ସହିତ ଆଲୋଚନା କରିବେ ଯେ ସେମାନେ ଆଙ୍କିଥିବା ଏହି ସୁନ୍ଦର ଜୀବନ ବୃକ୍ଷର ଚିତ୍ରକୁ କିଭଳି ସାଇତି କରି ରଖାଯାଇପାରିବ ? ହୁଏତ ପ୍ରତ୍ୟେକ ନିଜର ଚିତ୍ରକୁ ଘରକୁ ନେଇଯିବେ କି ? ସମସ୍ତଙ୍କର ସହମତିପୂର୍ବକ ନିଷ୍ପତ୍ତି ନିଆଯିବ ।

ମନେରଖିବାକୁ ପଡିବ ଯେ ଏହି ଆଲୋଚନା ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ବ୍ୟକ୍ତିଗତ ଜୀବନ ସମ୍ପର୍କୀୟ ତଥ୍ୟର ଗୋପନୀୟତାକୁ ଗୁରୁତ୍ୱାରୋପ କରିବ । ପରାମର୍ଶଦାତା ସମସ୍ତ ଅଂଶଗ୍ରହଣକାରୀଙ୍କୁ ବୁଝାଇ ଦେବେ ଯେ ଏହି କର୍ମଶାଳା ପ୍ରକ୍ରିୟା ମଧ୍ୟରେ ପ୍ରତ୍ୟେକ ଅଂଶଗ୍ରହଣକାରୀଙ୍କ ବ୍ୟକ୍ତିଗତ ଜୀବନ ବିଷୟରେ ଯାହା କୁହାଗଲା ବା ଶୁଣାଗଲା ତାହା ଏହି ଦଳ ମଧ୍ୟରେ ସୀମିତ ହୋଇ ରହିବା ଉଚିତ୍ । ପରାମର୍ଶଦାତା ମଧ୍ୟ ସୂଚାଇବେ ଯେ କେଉଁ କଥାକୁ ବାହାରେ କହିବା ଉଚିତ୍ ବା ଅନୁଚିତ ଅଟେ, ଅଂଶଗ୍ରହଣକାରୀଙ୍କୁ ବର୍ଣ୍ଣନା କରାଯିବ ପ୍ରକୃତ ପକ୍ଷର ଏ ହି ଜୀବନ ବୃକ୍ଷ ସୌନ୍ଦର୍ଯ୍ୟ ସେମାନଙ୍କ ହୃଦୟ ଓ ମନଭିତରେ ରହି ସେମାନଙ୍କୁ ପରବର୍ତ୍ତୀ ଜୀବନରେ ସାହାଯ୍ୟ କରିବ । ପରିସମାପ୍ତି ପୂର୍ବରୁ ଏହି ପ୍ରକ୍ରିୟା ଉପରେ ଅଂଶଗ୍ରହଣକାରୀମାନଙ୍କର ମତାମତ ନେବାକୁ ପଡିବ ଯେ ଏହା ସେମାନଙ୍କୁ କିଭଳି ଲାଗିଲା ।

ଯଦି ଆଙ୍କିଥିବା ଚିତ୍ରର ସଂରକ୍ଷଣକୁ ନେଇ ଅନ୍ୟ କୌଣସି ଦ୍ୱିମତ ନ ଆସେ, ତେବେ ଅଂଶଗ୍ରହଣକାରୀଙ୍କୁ ନିଜ ନିଜର ଜୀବନ ବୃକ୍ଷ ଚିତ୍ରକୁ ଘରକୁ ନେଇଯିବା ପାଇଁ ଅନୁମତି ଦିଅନ୍ତୁ ।

# ପରିଶିଷ୍ଟ ୧ : ଶକ୍ତି ସଂଚାରକ ଖେଳ / କାର୍ଯ୍ୟ

ପୂର୍ବରୁ ଏ କଥା କୁହାଯାଇଛି ଯେ ଜୀବନ ବୃକ୍ଷ କର୍ମଶାଳା ଏକ ଲମ୍ବା ପ୍ରକ୍ରିୟା (ଅନ୍ୟୁନ ୮ ଘଣ୍ଟାର କାର୍ଯ୍ୟ) ଏବଂ ଅଂଶଗ୍ରହଣକାରୀମାନେ ଏଥିପାଇଁ ଜଳପାନ ବିରତି ସହିତ କିଛି ଶକ୍ତି ସଂଚାରକ ଖେଳ/କାର୍ଯ୍ୟ ଆବଶ୍ୟକ କରିବେ । ନିମ୍ନରେ କେତେକ ଏହିଭଳି ଖେଳର ଉଦାହଣ ଦିଆଯାଇଛି ଯାହାକୁ ପରାମର୍ଶଦାତା ବ୍ୟବହାର କରିପାରନ୍ତି । ଅଂଶଗ୍ରହଣକାରୀମାନେ ମଧ୍ୟ ଅନ୍ୟାନ୍ୟ ଖେଳ କରିବା ପାଇଁ ପ୍ରସ୍ତାବ ରଖିପାରିବେ ।

## ୧. ବଲ ଖେଳ

ସମସ୍ତ ଅଶଗ୍ରହଣକାରୀଦଳ ପାଖାପାଖି ଗୋଲ ହୋଇ ଠିଆ ହେବେ, ତନ୍ମଧ୍ୟରୁ ଜଣେ ଗୋଟିଏ ପେପର ବଲ ଧରି ଅନ୍ୟ ନାମକୁ ଉଚ୍ଚାରଣ କରି ତା ପାଖକୁ ପକାଇବ, ସେହି ପିଲାଟି ବଲକୁ ଧରିବାକୁ ଚେଷ୍ଟା କରିବ ଓ ତାକୁ ପୁଣି ସେହି କ୍ରମରେ ଅନ୍ୟପାଖକୁ ପକାଇବେ । ଏହିଭଳି ଭାବରେ ଧରିବା ଓ ପକାଇବା ମାଧ୍ୟମରେ ଦଳରେ ଏକ ଢାଞ୍ଚା ପ୍ରସ୍ତୁତ କରାଯିବ । ଏହି ପ୍ରକ୍ରିୟା ମଧ୍ୟରେ ମନେ ରଖିବାକୁ ପଡିବ ଯେ କିଏ, କାହାଠାରୁ ବଲ ଗ୍ରହଣ କରିଥିଲା ଏବଂ କିଏ କାହାକୁ ବଲ ଫିଙ୍ଗିଥିଲା । ଦଳର ଢାଞ୍ଚା ଅନୁସାରେ ପ୍ରତ୍ୟେକ ଥରୁଟିଏ ବଲ ଗ୍ରହଣ କରିସାରିବା ପରେ, ପୁନର୍ବାର ଦୁଇଟି ବା ତତୋଧିକ ବଲ ବ୍ୟବହାର କରାଯିବ । ଯଦ୍ୱାରା ଏକା ସମୟରେ ଏକାଧିକ ବଲକୁ ନେଇ ଦଳ ଭିତରେ ପ୍ରସ୍ତୁତ ଢାଞ୍ଚା ଅନୁସାରେ ଖେଳ ଚାଲିବ ।

## ୨. ଆମ ଭିତରେ ସମାନତା

ପରାମର୍ଶଦାତା ଦଳ ମଧ୍ୟରେ ଏକା ଭଳିଆ ବା କୌଣସି ପ୍ରକାର ସମାନତା ଥିବା ଯଥା- ନାଲି ସାର୍ଟ ପିନ୍ଧିଥିବା ଅଂଶଗ୍ରହଣକାରୀଙ୍କୁ ଡାକିବେ । ଯେଉଁମାନେ ନାଲି ସାର୍ଟ ପିନ୍ଧିଥିବେ, ସେମାନେ ଠିଆହେବେ କିମ୍ବା ଗୋଲେଇର ମଝିକୁ ଆସିବେ । ପୁନଶ୍ଚ, ଯେତେବେଳେ ପରାମର୍ଶଦାତା ସେହିଭଳି ସମାନତାଥିବା ଅନ୍ୟ କିଛି ଡାକିବେ ଯଥା ଯେଉଁମାନେ ଫୁଟବଲ ଖେଳିବାକୁ ଭଲ ପାଆନ୍ତି, ତାପରେ ଫୁଟବଲ ଖେଳିବାକୁ ଭଲ ପାଇବା ଅଂଶଗ୍ରହଣକାରୀମାନେ ଉଦ୍ଦିଷ୍ଟ ସ୍ଥାନକୁ ଯିବେ ।

## ୩. ଗାଡି ଚଳାଇବା

ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ କି ସେମାନେ ଏକ ଯାତ୍ରୀବାହୀ ଗାଡି ଭିତରକୁ ଚଢିବାଭଳି ଭାବନ୍ତୁ । ସେମାନେ ବୃତ୍ତାକାରରେ ଦୌଡିବାକୁ ଆରମ୍ଭ କରିବେ ଏବଂ ଯେତେବେଳେ ପରାମର୍ଶଦାତା କହିବେ ତିନି ଜଣିଆ ଗାଡି କିମ୍ବା ଚାରିଜଣିଆ ଗାଡି ଇତ୍ୟାଦି । ସେତେବେଳେ ସେତିକି ସଂଖ୍ୟକ ଅଂଶଗ୍ରହଣକାରୀ ଏକତ୍ରୀତ ହୋଇ ଗୋଟିଏ ଦଳରେ ରହିବେ । ପରିଶେଷରେ ସମସ୍ତଙ୍କ ପାଇଁ ଗାଡି ଡାକି ଖେଳକୁ ଶେଷ କରାଯିବ ଯେପରିକି କେହି ବି ବାଦପଡିବେ ନାହିଁ ଏବଂ ସମସ୍ତେ ଗୋଟିଏ ଦଳରେ ସାମିଲ ହେବେ ।

## ୪. ନୀଳ ବସ୍ତୁକୁ ଛୁଇଁବା

ସମସ୍ତ ଅଂଶଗ୍ରହଣକାରୀଙ୍କୁ ଠିଆ ହେବାପାଇଁ କୁହନ୍ତୁ ତାପରେ ପରାମର୍ଶଦାତା ସମସ୍ତଙ୍କୁ କିଛି ନା କିଛି ନୀଳ ବସ୍ତୁକୁ ଛୁଇଁବାପାଇଁ କହିବେ ଏବଂ ସେମାନେ ଯାଇ ଖୋଜିକରି ଛୁଇଁବେ । ତାହା ନିଳରଙ୍ଗର ସାର୍ଟ, ପେନ୍, ଚପଲ କିମ୍ବା ଅନ୍ୟ କୌଣସି ଜିନିଷ ହୋଇପାରେ । ଏହି ପ୍ରକାରରେ ବିଭିନ୍ନ ରଙ୍ଗର ବା ଆକାରର ବସ୍ତୁକୁ ନେଇ ଖେଳ ଜାରି ରଖିପାରିବେ ଏବଂ ଅଂଶଗ୍ରହଣକାରୀମାନେ ସେମାନଙ୍କ ପସନ୍ଦର ବସ୍ତୁକୁ ଛୁଇବା ପାଇଁ ମଧ୍ୟ ପ୍ରସ୍ତାବ ଦେଇପାରିବେ ।

## ୫. ମୁଁ ତୁମକୁ ପସନ୍ଦ କରେ କାରଣ

ସମସ୍ତ ଅଂଶଗ୍ରହଣକାରୀଙ୍କୁ ଗୋଲ ହୋଇ ବସିବାକୁ କୁହନ୍ତୁ ଏବଂ ପଚାରନ୍ତୁ ତାଙ୍କର ଦକ୍ଷିଣ ପାର୍ଶ୍ୱରେ ବସିଥିବା ବ୍ୟକ୍ତିଙ୍କର କଣ ତାକୁ ଭଲ ଲାଗେ । ଏଥିପାଇଁ ତାଙ୍କୁ ଭାବିବାକୁ କିଛି ସମୟ ଦିଅନ୍ତୁ ।

## ୬. ଦଳଗତ ମାଲିସ

ଅଂଶଗ୍ରହଣକାରୀମାନଙ୍କୁ କୁହନ୍ତୁ ସେମାନେ ବୃତ୍ତାକାରରେ ଠିଆ ହେବେ, ତାପରେ ସେମାନେ ଏଭଳି ଠିଆ ହୁଅନ୍ତୁ ଯେପରିକି ପ୍ରତ୍ୟେକ ତାଙ୍କ ସାମ୍ନାରେ ଥିବା ବ୍ୟକ୍ତିଙ୍କୁ ପଛ କରି ଠିଆ ହୋଇପାରିବେ । ତାପରେ ପ୍ରତ୍ୟେକ ତାଙ୍କର ସାମ୍ନାରେ ଥିବା ବ୍ୟକ୍ତିଙ୍କ କାନ୍ଧକୁ ମାଲିସ କରିବେ । ଏହି ଖେଳ କରିବା ପୂର୍ବରୁ ପରାମର୍ଶଦାତାଙ୍କୁ ବିଚାର କରିବାକୁ ପଡିବ ଯେ ଏହି ଖେଳ ସେହି ଅଞ୍ଚଳର ସଂସ୍କୃତି ଅନୁଯାୟୀ ବୟସ ଓ ଲିଙ୍ଗ ଭେଦଅନୁସାରେ ଖେଳିବା ଉପଯୁକ୍ତ ଅଟେ କିମ୍ବା ନୁହେଁ ।

## ୭. ସେହି ଦିନର କାର୍ଯ୍ୟକ୍ରମ ଉପରେ ପ୍ରତିଫଳନ / ଚିନ୍ତନ କରିବା

ସେହି ଦିନରେ ହୋଇଥିବା କାର୍ଯ୍ୟକ୍ରମ ଉପରେ ପ୍ରତିଫଳନ କରିବା ପାଇଁ ଗୋଟିଏ ପେପର ବଲ ତିଆରି କରନ୍ତୁ ଏବଂ ଅଂଶଗ୍ରହଣକାରୀମାନଙ୍କୁ ବିଭିନ୍ନ ଦଳରେ ବିଭକ୍ତ କରି, ଗୋଟିଏ ଦଳ ଅନ୍ୟ ଦଳକୁ ବଲ ଫିଙ୍ଗିବା ପାଇଁ କୁହନ୍ତୁ । ଯେଉଁ ଦଳ ପାଖରେ ବଲ ପହଞ୍ଚିବ, ସେହି ଦଳ ପ୍ରତ୍ୟେକ ସାଥି ସେହି ଦିନର ଗୋଟିଏ ଆଲୋଚ୍ୟ ବିଷୟ ବା ସମ୍ପାଦିତ କାର୍ଯ୍ୟ ବିଷୟରେ କହିବେ ।

# ପରିଶିଷ୍ଟ-୨ : ଜୀବନ ବୃକ୍ଷ କର୍ମଶାଳା ପାଇଁ ପ୍ରଶ୍ନାବଳୀ

| | | |
|---|---|---|
| ଚେର | ତୁମର ଇତିହାସ | ତୁମେ କେଉଁଠାରୁ ଆସିଛ ? (ଧର୍ମ, ଗ୍ରାମ ବା ସହର)<br>ତୁମ ପରିବାରର ଇତିହାସ କଣ ଅଛି ? (ବଂଶ, ପରିବାର ନାମ ପୂର୍ବ ପୁରୁଷ ରକ୍ତ ସମ୍ପର୍କୀୟ) |
| ମୂଳଭୂମି | ତୁମର ବର୍ତ୍ତମାନ ଜୀବନ | କେଉଁ ଲୋକମାନଙ୍କୁ ତୁମେ ସବୁଠାରୁ ଅଧିକ ଭଲ ପାଅ ?<br>ତୁମେ ବର୍ତ୍ତମାନ କାହା ସହିତ ରହୁଛ ?<br>ତୁମେ ଦୈନନ୍ଦିନ କାର୍ଯ୍ୟ କଣ ?<br>ଘର ଭିତରେ ତୁମର ପ୍ରିୟ ସ୍ଥାନ ବା ପସନ୍ଦର ସଂଗୀତ କଣ ଅଟେ ? |
| ଗଣ୍ଡି | ତୁମର କୌଶଳ ଦକ୍ଷତା | ତୁମେ ଅନ୍ୟମାନଙ୍କଠାରୁ ଯାହା ପାଇଁ ବସ୍ତୁଗତ ବା ଜ୍ଞାନ ମୂଲ୍ୟବୋଧ ଇତ୍ୟାଦି<br>ତୁମ ଜୀବନରେ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି<br>ତୁମେ କେଉଁ କାର୍ଯ୍ୟରେ ଭଲ କରିଥାଅ ଏବଂ ଗର୍ବ ଅନୁଭବ କର ?<br>ଅନ୍ୟମାନେ ତୁମକୁ କେଉଁଥିରେ ଭଲ କଲ ବୋଲି କହିଥାନ୍ତି ? (ଯେପରିକି ଖେଳ କୁଦ, ପାଠପଢା କିମ୍ୱା ଅନ୍ୟାନ୍ୟ ଦକ୍ଷତା ଯଥା- ଅନ୍ୟମାନଙ୍କ ପ୍ରତି ଦୟାଶୀଳ ହେବା, ଅନ୍ୟ ସେବା କରିବା)<br>ତୁମେ କେଉଁ ମୂଲ୍ୟବୋଧକୁ ନେଇ ବଞ୍ଚିଥାଅ ଯେପରିକି ଦୟାଶୀଳତା / କରୁଣା, ସାହାସ ଏବଂ ସମ୍ମାନ ?<br>ତୁମକୁ ଏହି ମୂଲ୍ୟବୋଧ ଏବଂ ଦକ୍ଷତାକୁ କିଏ ଶିଖାଇଛି ? |
| ଡାଳ | ତୁମର ଅଶା, ସ୍ୱପ୍ନ ଏବଂ ଇଚ୍ଛା | ତୁମର ଆଶା, ସ୍ୱପ୍ନ ଓ ଇଚ୍ଛାଗୁଡିକ କଣ ଅଟେ<br>ଏହି ଆଶା, ସ୍ୱପ୍ନ ଓ ଇଛା ପୋଷଣ କରିବାର କାରଣ ଇତିହାସ କଣ ଅଟେ ?<br>ତୁମର ଏହି ଆଶା ସ୍ୱପ୍ନ ଓ ଇଛା କିଭଳି ଭାବେ ତୁମ ଜୀବନରେ ଥିବା ଗୁରୁତ୍ୱପୂର୍ଣ୍ଣ ଲୋକମାନଙ୍କ ସହିତ ଯୋଡା ହୋଇଛି । (ଯେଉଁମାନେ ଏବେ ଜୀବିତ ଅଥବା ମୃତ) |

| | | |
|---|---|---|
| ପତ୍ର | ତୁମ ଜୀବନରେ ଥିବା ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତି | ତୁମ ଜୀବନରେ କେଉଁ ବ୍ୟକ୍ତି ଗୁରୁତ୍ୱପୂର୍ଣ୍ଣ ଅଟନ୍ତି ? ସେହି ବ୍ୟକ୍ତିମାନେ ଏବେ ଜୀବିତ ଅଛନ୍ତି ଅଥବା ମରିଗଲେଣି ?<br>ସେହି ବ୍ୟକ୍ତିଙ୍କ ସହ ତୁମେ କିଛି ଆନନ୍ଦମୟ ସମୟ ଅତିବାହିତ କରିଥିଲ କି ?<br>ସେହି ବ୍ୟକ୍ତିଙ୍କର କେଉଁ ଗୁଣ ତୁମ ପାଇଁ ସ୍ୱତନ୍ତ୍ର ଅଟେ ବା ତୁମେ ଅଧିକ ଭଲ ପାଅ ?<br>ଯଦି ସେହିବ୍ୟକ୍ତି ଏବେ ନାହାନ୍ତି (ମୃତ) ତେବେ ସେହି ବ୍ୟକ୍ତି ତୁମେ ତାଙ୍କୁ ଏହି ଭଳିଭାବରେ ମନେ ପକାଇବାକୁ ଭଲ ପାଆନ୍ତି କି ? |
| ଫଳ | ତୁମେ ଅନ୍ୟମାନଙ୍କଠାରୁ ଯାହା ପାଇଛ (ବସ୍ତୁଗତ ବା ଜ୍ଞାନ, ମୂଲ୍ୟବୋଧ, ଇତ୍ୟାଦି | ତୁମେ ତୁମ ଜୀବନରେ କେଉଁ ସବୁ ଉପହାର ଅନ୍ୟମାନଙ୍କଠାରୁ ପାଇଛ ?<br>ତୁମକୁ ସେହି ବ୍ୟକ୍ତି ଏହି ଉପହାର କାହିଁକି ଦେଲେ ବୋଲି ଭାବୁଛ ?<br>ତୁମର କେଉଁ ଭଲ ଗୁଣ/ କାର୍ଯ୍ୟକୁ ପସନ୍ଦ କରି ସେମାନେ ତୁମକୁ ଏହିସବୁ ଉପହାର ଦେଇଥିଲେ ?<br>ତୁମେ ସେମାନଙ୍କ ଜୀବନରେ କେଉଁ ପ୍ରକାରର ସହଯୋଗ କରିପାରିଥାନ୍ତ ବା କରିପାରିବ ବୋଲି ଭାବୁଛ ? |
| ଫୁଲ | ତୁମେ ଅନ୍ୟମାନଙ୍କୁ ଯେଉଁ ଉପହାର ସବୁ ଦେଇଛ | ତୁମ ଜୀବନରେ ଥିବା ଗୁରୁତ୍ୱପୂର୍ଣ୍ଣ ଲୋକମାନଙ୍କୁ ତୁମେ କଣ ସବୁ ଉପହାର ଦେଇଛ ? (ବସ୍ତୁ ଉପହାର କିମ୍ବା ପ୍ରେମ, ଦୟା ଓ ଏବଂ ସହଯୋଗ ଉପହାର)<br>ତୁମେ ସେହି ବ୍ୟକ୍ତିଙ୍କର କେଉଁ ଭଲଗୁଣକୁ ଦେଖି ପସନ୍ଦ କରି ତାକୁ ଏହି ଉପହାର ନେଇଥିଲ ?<br>ତୁମେ ତାଙ୍କ ଜୀବନର କେଉଁ ପ୍ରକାର / କଣ ସବୁ ଯୋଗଦାନ କରିଛ ବୋଲି ଭାବୁଛ ? |
| ଜୀବନର ଜଙ୍ଗଲ | ମନୋସାମାଜିକ ସହାୟତା | ପିଲାମାନେ ଅନେକ ସମୟରେ କହିବା ଏବଂ ଲେଖିବା ମାଧ୍ୟମରେ ପରସ୍ପରକୁ ସହାୟତା ପ୍ରଦାନ କରିଥାନ୍ତି- ଅନୁମତ ପୂର୍ବକ ସେମାନେ ଅନ୍ୟର ଜୀବନ ବୃକ୍ଷ ଉପରେ ପ୍ରଶଂସା ଓ ଉତ୍ସାହିତ ହେବାଭଳି ପତ୍ର ଲେଖିଥାନ୍ତି । |
| ପୁନଃକଥନ | | ପରାମର୍ଶଦାତାଙ୍କ ଦ୍ୱାରା ଜଣେ ଆଙ୍କିଥିବା ଜୀବନ ବୃକ୍ଷ ଉପରେ ପୁନର୍ବାର ଆଲୋଚନା କରିବା । |
| ଜୀବନର ଝଡ | ସମ୍ମୁଖୀନ ହେଉଥିବା | ପିଲାମାନେ ଏହି ପ୍ରକାର ସମସ୍ୟା ଓ ଆହ୍ୱାନକୁ ଦଳଗତ ଭାବରେ ମୁକାବିଲା କରିପାରନ୍ତି । (ବ୍ୟକ୍ତିଗତ ଭାବରେ ଆସିଥିବା ମାନସିକ ଦୁଃସ୍ଥତା, ନିର୍ଯ୍ୟାତନା, ଦାରିଦ୍ର୍ୟ, ଇତ୍ୟାଦିକୁ ମୁକାବିଲା କରିବା ଅପେକ୍ଷା ଦଳଗତ ଭାବରେ ଏହିଭଳି ସମସ୍ୟା ଓ ଆହ୍ୱାନ ଯାହା ଅନ୍ୟମାନଙ୍କ ଜୀବନରେ ମଧ୍ୟ ଆସିଥାଏ । |
| ଜଙ୍ଗଲର ଜୀବଜନ୍ତୁ | | ଝଡ ଆସିବା ସମୟରେ ଜଙ୍ଗଲରେ କେଉଁ ପଶୁମାନେ ଥାଆନ୍ତି ?<br>ଝଡ ଆସିଲେ ଏହି ପଶୁମାନେ କଣ କରନ୍ତି ? (ବଞ୍ଚିବାର ଉପାୟ)<br>ପିଲାମାନେ ତାଙ୍କ ଜୀବନରେ ସମସ୍ୟା ଓ ଝଡ ଆସିଲେ କଣ କରନ୍ତି ?<br>ସେମାନଙ୍କ ଜୀବନରେ ଏହି ଝଡ ସବୁ ସମୟ ପାଇଁ ରହିଥାଏ କି ?<br>ସେମାନଙ୍କର ଝଡମୁକ୍ତ ଜୀବନ ବିଷୟରେ କିଛି କୁହ ?<br>ସେମାନଙ୍କୁ ବୁଝାନ୍ତୁ ଯେ ବର୍ତ୍ତମାନ ହେଉଛି ମୂଲ୍ୟବାନ ସମୟ ଯାହାକି ଆମକୁ ଶକ୍ତି ଦିଏ ଏବଂ ଏହାକୁ ସମାରୋହରେ ପାଳନ କରିବାକୁ ପଡିବ । |

# ପରିଶିଷ୍ଟ ୩ : ପ୍ରସଙ୍ଗ ବା ବିଚାରାର୍ଥ ପ୍ରେରଣ


1. Dulwich Publications: The International Journal of Narrative Therapy and Community Work 2006 No. 1 (The Tree of Life Project by Ncazelo Ncube-Mlilo)
2. Opening Key Note Presentation at the 8th International Conference on Narrative Therapy and Community Work on The Tree of Life by Ncazelo Ncube-Mlilo (Kristiansand - Norway 2007)
3. White, M. & Morgan, A. (1999). Narrative therapy with children and the families. Australia: Dulwich Publications
4. Richter, L., Foster G. & Sherr, L. (2006), Where the heart is: Meeting the psychosocial needs of young children in the context of HIV/AIDS. The Hague, the Netherlands: Bernard van Leer Foundation
5. REPSSI (2006) Journey of Life
6. REPSSI (2007) Making a Hero Book

REPSSI
ମନୋସାମାଜିକ ସ୍ୱାସ୍ଥ୍ୟ ଅନୁକ୍ରମ

©   ଅନ୍ୟ ଉତ୍ସରୁ ଆସିଥିବା ସୂଚନା, ଫଟୋ ଏବଂ ସାମଗ୍ରୀକୁ ବାଦଦେଇ ଏହି ପ୍ରକାଶନର ସ୍ଥାନିତ ହୋଇଥିବା ସମସ୍ତ ବିଷୟବସ୍ତୁ ଉପରେ ରେପସିର ରଚନାସ୍ୱତ୍ୱ ରହିଅଛି । ଦକ୍ଷିଣ ଆଫ୍ରିକାର କପି ରାଇଟ୍ ଆଇନ୍ ନଂ 98 of 1978 ଅନୁସାରେ ଏହି ପ୍ରକାଶନର କୌଣସି ଭାଗ ଇଲେକ୍ଟ୍ରୋନିକ ବା ଯାନ୍ତ୍ରିକ ମାଧ୍ୟମରେ ପୁନଃମୁଦ୍ରଣ ଅଥବା ଫଟୋଚିତ୍ର ନକଲ କିମ୍ୱା କୌଣସି ଉପାୟରେ ଏହାର ସଂରକ୍ଷଣପୂର୍ବକ ପୁନଃବ୍ୟବହାର କରିବା ନିମନ୍ତେ ରେପସି ଠାରୁ ଲିଖିତ ଅନୁମତି ଆବଶ୍ୟକ କିମ୍ୱା ଉଲ୍ଲେଖଥିବା ଅନ୍ୟ ଉତ୍ସରୁ ଆସିଥିବା ଫଟୋ ସାମଗ୍ରୀ ପାଇଁ ସେହି ଅନୁଷ୍ଠାନଠାରୁ ଅନୁମତି ହାସଲ କରିବା ଆବଶ୍ୟକ ।

ଏହି ପ୍ରକାଶନକୁ ନିମ୍ନଲିଖିତ ଶବ୍ଦ ସଦା ମାଧ୍ୟମରେ ଉପସ୍ଥାପନା କରାଯିବ ।

ରେପସି (୨୦୧୬), ଟ୍ରି ଅଫ୍ ଲାଇଫ : ଏ ଓ୍ୱାର୍କସପ ମେଥୋଡଲୋଜି ଫର ଚିଲଡ୍ରେନ, ୟଙ୍ଗ ପିପୁଲ ଆଣ୍ଡ ଆଡଲଟ୍ସ ।

Johansesburg : REPSSI, www.repssi.org
ISBN: 978-0-620-39535-9

228 West Lexington Street, Baltimore, MD 21201-3443
www.crs.org

CATHOLIC RELIEF SERVICES faith. action. results.

REPSSI Psychosocial Wellbeing For All Children